# ୨୯ ରୁ ଶିବ ଦର୍ଶନ ମହୋତ୍ସବ




**ଗମ୍ଭାରୀପଦା/କାକଟପୁର,୨୮ ।୩(ସମିସ):** ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମ୍ ଶିବ ଦର୍ଶନ ମହୋତ୍ସବ ଆୟୋଜନ ପାଇଁ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାକଟପୁର ଶାଖା ପକ୍ଷରୁ ପ୍ରେସମିଟ୍ କାକଟପୁର ଶାଖା ପରିସରରେ ଅନୁଷ୍ଠିତ ହୋଇଯାଇଛି ।ବିକେ ରବିନାରାୟଣ,ବିକେ କୁନ୍ତଳା କୁମାରୀ,ବିକେ ଦୁଷ୍ମନ୍ତ ପରିଡ଼ାଙ୍କ ଦ୍ୱାରା ପରିଚାଳିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ୨୯ତାରିଖ ସକାଳ ୯ଘଟିକାରୁ ୩ଦିନ ଧରି କାକଟପୁର ନୂତନ ବସଷ୍ଟାଣ୍ଡ ସମ୍ମୁଖ ପଡ଼ିଆରେ ଆୟୋଜିତ ହୋଇ ୩୧ ତାରିଖରେ ଉଦଯାପିତ କରାଯିବ। ବର୍ତ୍ତମାନ ସଂଗମ ଯୁଗରେ(କଳିଯୁଗ ଶେଷ ଓ ସତ୍ୟଯୁଗ ଆରମ୍ଭ) ରାଜଯୋଗର ଅଭ୍ୟାସ କଲେ ଏକାଗ୍ରତା ବୃଦ୍ଧି,ଦିବ୍ୟ ଗୁଣର ବିକାଶ,ନିଶା ସେବନରୁ ମୁକ୍ତି , ମାନସିକ ତଥା ପାରିବାରିକ ଶାନ୍ତି, ସାମାଜିକ ସଦ୍‌ଭାବନା ଓ ବିଶ୍ୱ ଭାତୃତ୍ୱର ଭାବଧାରା ଜାଗ୍ରତ ହୁଏ। ସେଥିପାଇଁ ମହୋତ୍ସବରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ମଣ୍ଡପ, ସୁବର୍ଣ୍ଣ ଯୁଗ ମଣ୍ଡପ,ମୂଲ୍ୟନିଷ୍ଠ ଶିକ୍ଷା ମଣ୍ଡପ,ରାଜଯୋଗ ମଣ୍ଡପ, ନିଶା ମୁକ୍ତି ମଣ୍ଡପ,ବିଶ୍ୱ ନବନିର୍ମାଣ ମଣ୍ଡପ ଓ ଅନୁଭୂତି କକ୍ଷ ସଂସ୍ପର୍ଶରେ ଆସି ବିଭୂକୃପା ଲାଭ କରିବା ପାଇଁ ଆୟୋଜକ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାକଟପୁର ଶାଖା ପକ୍ଷରୁ ଆମନ୍ତ୍ରିତ କରାଯାଇଛି ।

● ଅଲିଭ ରିଡଲେ ଏବଂ ଡଲଫିନଙ୍କ ପାଇଁ ମୃତ୍ୟୁର ଉପତ୍ୟକା ଜାହାନିଆ ଉପକୂଳ

# ବେଆଇନ ଯନ୍ତ୍ରଚାଳିତ ଡଙ୍ଗା ଅନୁପ୍ରବେଶ ମୁଖ୍ୟ କାରଣ





**ଅସ୍ତରଙ୍ଗ,୨୮ ।୩(ସମିସ)** :ବିରଳ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଏବଂ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେବା ସହିତ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ କିଛି ଆସାଧୁ କର୍ମଚାରୀଙ୍କ ପାଇଁ ସଠିକ ଭାବେ କାର୍ଯ୍ୟକାରୀ ନହୋଇ କେବଳ ଘୋଷଣା ନାମାରେ ସୀମିତ ରହିଯାଉଛି। ଯାହାର ଜ୍ୱଳନ୍ତ ଉଦାହାରଣ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନଖଣ୍ଡ ଅଧିନ ପୀର୍ ଜାହାନିଆ ସମୁଦ୍ର ଉପକୂଳରେ ଦେଖିବାକୁ ମିଳୁଛି। ସୂଚନା ମୁତାବକ ବିରଳ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ଏବଂ ସୁରକ୍ଷିତ ଅଣ୍ଡାଦାନ, ମାଛ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ନଭେମ୍ବର ୧ତାରିଖରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର କୂଳରୁ ୨୦କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିବା ବେଳେ କୌଣସି ପ୍ରକାର ଯନ୍ତ୍ର ଚାଳିତ ଡ଼ଙ୍ଗାର ଚଳାଚଳ ଉପରେ ରୋକ ଲଗାଇଛନ୍ତି। କିନ୍ତୁ ଏଠି ସବୁ କଟକଣା ଫେଲ ମାରୁଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଏବଂ କାର୍ଯ୍ୟରେ ଅବହେଳା କାରଣରୁ ଗତ କିଛି ଦିନ ଭିତରେ ନିଷିଦ୍ଧାଞ୍ଚଳକୁ ଅନୁପ୍ରବେଶ କରିଥିବା ୧୦ରୁ ଉର୍ଦ୍ଧ୍ୱ ଟ୍ରଲର କୋଷ୍ଟ ଗାର୍ଡ, ବନ ବିଭାଗ ଦ୍ୱାରା ଜବତ ହୋଇଛି। ଟ୍ରଲର ଅନୁପ୍ରବେଶ କାରଣରୁ ମରୁଛନ୍ତି ନିରୀହ ବିରଳ ଅଲିଭ୍ ରିଡଲେ କଇଁଛ ଏବଂ ବିରଳ ପ୍ରଜାତିର ବଟଲ୍ ନୋଜ ଡ଼ଲଫିନ ଶହ ଶହ କଇଁଛଙ୍କ ମୃତ ଦେହ ସମୁଦ୍ରରେ ଭାସୁଥିବା ସହିତ କୂଳରେ ମଲା ଜୀବ ଲାଗୁଛନ୍ତି । ସବୁଠୁ ପରିତାପର ବିଷୟ କି ଗତ ୨୬ ତାରିଖ ଦିନ ଏକ ବଟଲ୍ ନୋଜ ଡଲଫିନ ମାଛ କୌଣସି ଟ୍ରଲର ଧକା ହେଉ କି ଜାଲରେ ପଡି ମୃତ୍ୟୁ ହେବା ପରେ ଆସି କୂଳରେ ଲାଗିଥିଲା । ଯାହାକୁ କୁକୁର ଖାଉଥିବା ଅବସ୍ଥାରେ ସ୍ଥାନୀୟ ଲୋକ ଦେଖିଥିଲେ। ପରେ ଖବର ପାଇ ରେଞ୍ଜ ଅଫିସର ଘଟଣାସ୍ଥଳକୁ ଯାଇ ଡ଼ଲଫିନର ପୋଷ୍ଟମଟମ କରି ତାର ଭିସେରା ପରୀକ୍ଷା ପାଇଁ ପଠାଇଥିବା ସୂଚନା ମିଳୁଛି। ଏ ସମ୍ବନ୍ଧରେ ସେଠାର ଫରେଷ୍ଟର ବଳରାମ ସାହୁ ଙ୍କୁ ପଚାରିବାରୁ ମୁଁ ଉପସ୍ଥିତ ନଥିଲି ଆମର ଅନ୍ୟ ଷ୍ଟାଫ ଯାଇ ନିୟମ ଅନୁସାରେ ସବୁ କାମ କରିଛନ୍ତି ବୋଲି କହିଛନ୍ତି। ଆଗାମୀ ଦିନରେ ଯଦି ବାରମ୍ବାର ସୁରକ୍ଷା କର୍ମୀଙ୍କୁ ଚକମା ଦେଇ ନିଷିଦ୍ଧାଞ୍ଚଳକୁ ଟ୍ରଲର ଅନୁପ୍ରବେଶ କରେ ତାହାଲେ ଏପରି ବିରଳ ପ୍ରଜାତିର ସାମୁଦ୍ରିକ ଯିବ ଦିନେ ଲୋପ ପାଇଯିବ। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳବସୀ ଦାବି କରିଛନ୍ତି।

# ବାରଗାଦୀ ମେଳଣ କମିଟି ପକ୍ଷରୁ କୃତୀ ପ୍ରତିଭାଙ୍କୁ ପୁରସ୍କୃତ




**ଚାରିଛକ,୨୮।୩(ସମିସ):** ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସଭାମଣ୍ଡପ ଠାରେ ବାରଗାଦୀ ମେଳଣ କମିଟି ତରଫରୁ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଛି। ବାରଗାଦୀ ମେଳଣ କମିଟିର ସଭାପତି ପୂର୍ବତନ ଏସିଏସଓ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡଃ ସନ୍ତୋଷ କୁମାର ମିତ୍ର,ସମ୍ମାନିତ ଅତିଥିଭାବେ ଅଡଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ ପ୍ରଫେସର ଅରୁଣ କୁମାର ସ୍ୱାଇଁ,ନାରୀନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାୟକ,ଶିକ୍ଷାବିତ ଜଗମୋହନ ପାତ୍ର,ବିଶିଷ୍ଟ ସମାଜସେବୀ ଅରୁଣ କୁମାର ସାହୁ,ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଜାହାନ ସାହୁ,ଯୁବନେତା ଅରକ୍ଷୀତ ଭୋଇ ପ୍ରମୁଖ ଯୋଗଦେଇ ଦୋଳଯାତ୍ରାର ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା କୃତି କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାରଗାଦୀ କମିଟିର ସଂପାଦକ ସନ୍ତୋଷ କୁମାର ତ୍ରିପାଠୀ.ବ୍ରଜବନ୍ଧୁ କର,କୈଳାଶ ଚନ୍ଦ୍ର କର,ହରେକୃଷ୍ଣ ଶତପଥି,ସୁବାସ ଚନ୍ଦ୍ର ସାହୁ,ମନୋଜ କୁମାର କର ପ୍ରମୁଖ ସହଯୋଗ କରିଥିଲେ। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା।

# ଉଭୟ ହିନ୍ଦୁ ଓ ମୁସଲିମ୍ ମିଶି ହୋଲି ଖେଳିଲେ



**ନିମାପଡା,୨୮ ।୩(ସମିସ)** ନିମାପଡା ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତ ବଡମାଛପୁର ଅଞ୍ଚଳରେ ହିନ୍ଦୁ ଓ ମୁସଲିମ ସଂପ୍ରଦାୟର ଲୋକମାନେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ସହିତ ହୋଲି ଖେଳି ଖୁସି ମନାଇ ସମାଜକୁ ଭାଇଚାରାର ବାର୍ତ୍ତା ବାଣ୍ଟିଛନ୍ତି ।ବଡମାଛପୁର ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ଦୋଳ ଉତ୍ସବରେ ହଜାର ହଜାର ସଂଖ୍ୟାର ହିନ୍ଦୁ ଓ ମୁସଲିମ ସଂପ୍ରଦାୟର ଲୋକ ଏକାଠି ହୋଇଥାନ୍ତି। ବଡମାଛପୁର ଗ୍ରାମର ଭୁବନେଶ୍ୱର ମହାଦେବ ଓ ରେଘାଂଳର ରାଧା ମାଧବ ମେଣ୍ଢା ପଡିଆକୁ ସୁସଜ୍ଜିତ ବିମାନରେ ବାଜା,ବାଣ,ନୃତ୍ୟ,ଘଣ୍ଟ,ମାଦଳ ବଜାଇ ବହୁ ଆଡମ୍ବରରେ ଯାଇ ହରିହର ଭେଟ ହୋଇଥାନ୍ତି। ଏହି ସମୟରେ ହିନ୍ଦୁ ଓ ମୁସଲମାନ ଲୋକମାନେ ଏକାଠି ହୋଇ ହୋଲି ଖେଳି ପରସ୍ପର ମଧ୍ୟରେ ରଙ୍ଗ ବୋଳିଥାନ୍ତି। ପାଳରେ ତିଆରୀ ମେଣ୍ଢା କୁଡିଆକୁ ପୋଡା ଯାଇଥାଏ। ବିଧାୟକ ସମୀର ରଂଜନ ଦାଶ ଉଭୟ ସଂପ୍ରଦାୟର ଲୋକଙ୍କ ସହିତ ହୋଲି ଖେଳିଥିଲେ। ବହୁଦିନରୁ ଏଠାରେ ଭାଇଚାରର ପର୍ବ ହୋଲି ଅନୁଷ୍ଠିତ ହୋଇ ଆସୁଛି ବୋଲି ବିଧାୟକ ଶ୍ରୀ ଦାଶ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ପୂର୍ବତନ ସରପଞ୍ଚ ଭାଗ୍ୟଧର ଖଟୋଇଙ୍କ ସମେତ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ।

# ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୃତ୍ୟୁ

**ନୟାହାଟ,୨୮ ।୩(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ଆମ୍ପର ଗ୍ରାମର ବିପିନ ବିହାରୀ ସାହୁଙ୍କ ପୁଅ ପ୍ରଦୀପ୍ତ କୁମାର ସାହୁ(୩୨) ଗୁରୁବାର ଦିନ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ କିଛି ଦିନ ତଳେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ଭୁବନେଶ୍ୱର କିମ୍ସ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମୃତ୍ୟୁଖବର ପାଇ ଡ୍ରାଇଭର ସଂଘର ସଭ୍ୟମାନେ ପ୍ରଦୀପ୍ତଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଆତ୍ମାର ସଦଗତି କାମନା କରିଛନ୍ତି।

# ଅଧାଗଢ଼ା ବ୍ୟାରେଜ ନେଲା ଛାତ୍ରଙ୍କ ଜୀବନ

**କୁଣ୍ଢେଇ,୨୮ ।୩(ସମିସ):** କୁଣ୍ଢେଇ ବ୍ୟାରେଜ କାମ ନସରି ବିପଦ ସଙ୍କୁଳ ଅବସ୍ଥାରେ ୧୫ ବର୍ଷ ହେବ ପଡ଼ିରହିଛି। ଫଳରେ ବହୁ ଜୀବନ ହାନି ଘଟୁଛି ।କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ପଞ୍ଚାୟତ ଛୋଟରାୟ ପୁର ଗ୍ରାମର ପ୍ରତାପ କୁମାର ନାୟକଙ୍କ ପୁଅ ସୁପ୍ରଜିତ (୧୮) କୁଣ୍ଢେଇ ଆନିକଟ ନିକଟରେ ପ୍ରାଚୀନଦୀରେ ସାନଭାଇ ଓ ସାଙ୍ଗମାନଙ୍କ ସହିତ ଗାଧୋଉ ଥିବା ସମୟରେ ପାଣିରେ ବୁଡି ଯାଇଥିଲେ। ଖୋଜା ଖୋଜି ପରେ ତାଙ୍କୁ ପ୍ରାୟ ୨ଘଣ୍ଟା ପରେ ଗ୍ରାମବାସୀ ଉଦ୍ଧାର କରି ବାଙ୍ଗୁରିଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାକଟପୁର ପୁଲିସ ତରଫରୁ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ବ୍ୟାରେଜ ନିକଟରେ ପାହାଚ ନଥିବା ଓ ସେଠାରେ ନଦୀର ଦୁଇ ପାଶ୍ୱର୍ ବିପଦ ସଂକୁଳ ଅବସ୍ଥାରେ ଥିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି।+ ୨ ଛାତ୍ରଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ପରଲୋକରେ ବ୍ରଜବନ୍ଧୁ ଦାସ



**କୁଣ୍ଢେଇ,୨୮ ।୩ (ସମିସ)** କାକଟପୁର ଥାନା ଅନ୍ତର୍ଗତ ବାଜପୁର ଗ୍ରାମର (ଶ୍ୟାମରାୟ ପାଟଣା) ବ୍ରଜବନ୍ଧୁ ଦାସଙ୍କ ୫୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବାସଭବନରେ ରବିବାର ରାତ୍ର ୯ ଟା ୩୦ ମିନିଟ୍ ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ୧୯୮୬ ମସିହାରେ କାକଟପୁର ତହସିଲରେ ଘରୋଇ ଟାଇପିଷ୍ଟ ଭାବେ କାମ କରୁଥିଲେ। ତହସିଲ ଭାଗ ହେବା ପରେ ୨୦୦୭ ମସିହାରୁ ଗୋପ ତହସିଲ୍ ନିକଟରେ ଟାଇପ୍ ମେସିନ ପକାଇ ତାଙ୍କର ପରିବାର ପ୍ରତିପୋଷଣରେ କରୁଥିଲେ। ତାଙ୍କ ପରଲୋକ ଖବର ପାଇ ଗୋପ,କାକଟପୁର ତହସିଲ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ, ହୋଇଛି। ପୁତ୍ର ମୁଖାଗ୍ନି ଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ପରଲୋକରେ ଶୋକ



**ନୂଆପଲମହାଟ,୨୮ ।୩(ସମିସ):** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚ ର ସଦସ୍ୟ ତଥା ବରିଷ୍ଠ ନାଗରିକ ଜାହାନ ସାହୁଙ୍କ ୨୬ ତାରିଖରେ ୭୬ ବର୍ଷ ବୟସରେ ତାଙ୍କର ପୈତୃକବାସ ଭବନ ମଧୁବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କର ବିୟୋଗରେ ମଞ୍ଚର ସମସ୍ତ ସଭ୍ୟ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସୁରେନ୍ଦ୍ର ମୋହନ ବିଟି, ସୁରେନ୍ଦ୍ର କୁମାର ମିଶ୍ର, ପ୍ରାଣକୃଷ୍ଣ ଦଳାଇ, କାହ୍ନୁ ଚରଣ ସାହୁ, ସଚିଦାନନ୍ଦ ସାହୁ, ଗୁରୁ ପ୍ରସାଦ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ସାକ୍ଷୀଗୋପାଳ,୨୮ ।୩(ସମିସ) :** ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ସହଯୋଗରେ ଜନକଲ୍ୟାଣ ଔଷଧାଳୟ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ ଛକ ମହାବୀର କଲୋନୀରେ ଅବସ୍ଥିତ ଜନକଲ୍ୟାଣ ଔଷଧାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମେଡ଼ିସିନ ଓ ଡାଇବେଟିସ ବିଶେଷଜ୍ଞ ଡାକ୍ତର ସମ୍ବିତ ସ୍ୱାଇଁ ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ମେଡ଼ିସିନ ଓ ହୃଦରୋଗ ବିଶେଷଜ୍ଞ ଡାକ୍ତର ଆନନ୍ଦ କୁମାର ତ୍ରିପାଠୀ ଏବଂ ଫାର୍ମାସିଷ୍ଟ ଅଜୟ କୁମାର ନନ୍ଦ ଉପସ୍ଥିତ ରହି ଶତାଧିକ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଏଠାରେ ମାଗଣାରେ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା ମଧ କରାଯାଇ ରୋଗୀଙ୍କୁ ସଚେତନ କରାଯାଇଥିଲା। ଭାରତ ବିକାଶ ପରିଷଦ, ଓଡିଶା ପୂର୍ବପ୍ରାନ୍ତର ସଭାପତି ସତ୍ୟବାଦୀ ଦାଶ, ଓଡିଶା ପୂର୍ବପ୍ରାନ୍ତର ମିଡ଼ିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ସତ୍ୟବାଦୀ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଚିବ ନବଘନ ଶତପଥି, ଅର୍ଥ ସଚିବ ବିଜୟ କୁମାର ପରିଡା, ଉପସଭାପତି ?ିଷ୍ଣୁ ମହାରଣା, ସୁଶାନ୍ତ କୁମାର ରଥସଂଗଠନ ସଚିବ ସୁନୀଲ କୁମାର ବେହେରା, ମହିଳା ସଂଯୋଜିକା ରିତା ତ୍ରିପାଠୀ, ଦେବରାଜ ନାୟକ, ପ୍ରଫୁଲ୍ଲ ପଣ୍ଡା, ବ୍ରଜ କିଶୋର ପାଇକରାୟ, ମନୋରଞ୍ଜନ ମିଶ୍ର, ବ୍ରହ୍ମନନ୍ଦ ମହାରଣା, ରମେଶ ଚନ୍ଦ୍ର ପଣ୍ଡା, ସ୍ୱାଧୀନ ଶତପଥି, ରବିନ୍ଦ୍ର ନାଥ ଶତପଥି, ବନ୍ଦନା ଦାଶ, ଅଜୟ ତ୍ରିପାଠୀ, ଆଲୋକ ଖୁଣ୍ଟିଆ, ଅମର ଶତପଥି, ଦେବାଶିଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୃଷ୍ଣପ୍ରସାଦରେ ଉମାଙ୍କ ସ୍ୱାଗତ ଶୋଭାଯାତ୍ରା



**କୃଷ୍ଣପ୍ରସାଦ,୨୮ ।୩(ସମିସ):** ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ବିଧାୟକ ପ୍ରାର୍ଥି ଭାବେ ଘୋଷଣା କରାଯାଇଛି। ଗୁରୁବାର ଉମାଙ୍କ ପ୍ରଥମ ସ୍ୱାଗତ ଶୋଭାଯାତ୍ରା ହୋଇଛି। ଏକ ବିରାଟ ବାଇକ୍ ରାଲିରେ ରାମଲେଙ୍କା ପଞ୍ଚାୟତର ପାଇକରାପୁର ନିକଟରୁ ଦଳୀୟ କର୍ମୀଙ୍କ ଗହଣରେ ବାହାରିଥିଲେ ଉମା। ଚାରିଛକ ଠାରେ ପହଁଚିବା ପରେ ଶ୍ରୀ କମଳେଶ୍ୱର ଦେବଙ୍କ ଦର୍ଶନ କରି କୃପାଭିକ୍ଷା କରିଥିଲେ। ପରେ ଚିଲିକା ନୂଆପଡ଼ା ବ୍ଲକ ଛକ ଅଭିମୁଖେ ଯାଇଥିଲେ। ଉମାଙ୍କ ଆଗମନକୁ ନେଇ କୃଷ୍ଣପ୍ରସାଦ ବିଜେଡ଼ିରେ ନୂଆ ଉନ୍ମାଦନା ଦେଖିବାକୁ ମିଳିଥିବା ବେଳେ ଅନେକ ଗାଁ ଛକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୁଷ୍ପଗୁଚ୍ଛ ଓ ଫୁଲମାଳ ଦେଇ ଉମାଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷ ସରୋଜିନୀ ତରେଇ,ଜିଲ୍ଲା ପରିଷଦ ଲକ୍ଷ୍ମୀ ଧର ସାହୁ,ଜିଲ୍ଲା ପରିଷଦ ସନ୍ଦୀପ କୁମାର ଜେନା,ବ୍ଲକ ଯୁବ ବିଜେଡ଼ି ସଭାପତି ଅଭୟ କୁମାର ମହାପାତ୍ର,ରାଜ୍ୟ ଯୁବ ବିଜେଡ଼ି ଉପସଭାପତି ଜୟନ୍ତ କୁମାର ମହାନ୍ତି, ରାଜ୍ୟ ବିଜେଡ଼ି ଛାତ୍ର ସମ୍ପାଦକ ଶାନ୍ତନୁ କୁମାର ମାଝୀ, ପୁରୀ ଜିଲ୍ଲା ଛାତ୍ର ବିଜେଡ଼ି ସମ୍ପାଦକ ବସନ୍ତ କୁମାର ବିଶ୍ୱାଳ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ରଣସିଂହ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ତରେଇ,ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶ୍ୱାଳ,ସମିତିସଭ୍ୟା ରୁବିତା ପ୍ରିୟଦର୍ଶିନୀ, ବୁଦ୍ଧିବର ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ବିଶ୍ୱାଳ,ଚିଲିକା ନୂଆପଡ଼ା ପଞ୍ଚାୟତ ସରପଞ୍ଚ କବିତା ଜେନା,ବରିଷ୍ଠ ନେତା ସୁରଥ ବେହେରା, ପ୍ରମୋଦ କୁମାର ପରିଡ଼ା ପ୍ରମୁଖ ସ୍ୱାଗତ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଅଜଣା ଯୁବକକୁ ପୁଲିସ ଜିମା ଦେଲେ ଗ୍ରାମବାସୀ

**ନୟାହାଟ,୨୮ ।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ସିଙ୍ଗି ପାନିଆ ଗ୍ରାମରେ ଗୁରୁବାର ରାତିରେ ଜଣେ ଅଜଣା ବ୍ୟକ୍ତିକୁ ଗ୍ରାମବାସୀ ଦେଖିଥିଲେ। ସନ୍ଦେହ ହେବାରୁ ଯୁବକ ଅଟକାଇ ନୟାହାଟ ପୁଲିସକୁ ଖଭର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ ଗ୍ରାମବାସୀଙ୍କ ଠାରୁ ନେଇଥିଲେ। ବୁଧବାର ରାତିରେ ସିଙ୍ଗିପାନିଆ ଗ୍ରାମରୁ ଏକ ବାଇକ୍ ଚୋରି ହୋଇଛି । ଉକ୍ତ ଯୁବକ ଠାରୁ ମେଞ୍ଚାଏ ଚାବି ସହ ବାଇକ୍ ନଂ ଓଆର ୦୭ ଡି -୦୧୭୦ ଜବତ ହୋଇଛି ବୋଲି ସୂଚନା ମିଳିଛି ।ପୁଲିସ ତଦନ୍ତ ଚଳାଇଛି।

ଗୋପୀନାଥ ମନ୍ଦିରରେ ଦୋଳ ଉତ୍ସବ

# ଓଡ଼ିଆ କଣ୍ଠଶିଳ୍ପୀଙ୍କ ସଂଗୀତରେ ଝୁମିଲେ ଦର୍ଶକ



**ପିପିଲି,୨୮ ।୩(ସମିସ):** ପିପିଲି ଦାଣ୍ଡମୁକୁନ୍ଦପୁର ଗୋପାଳଜୀଉ ମନ୍ଦିର ପରିସରରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମବାସୀ ଭୋଗ ନୈବେଦ୍ୟ ସାଥିରେ ନେଇ ଦୋଳବେଦୀରେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ବସାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କୁ ଗ୍ରାମବାସୀ ଝୁଲଣାରେ ଦୋଳି ଖେଳାଇଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଗୋପୀନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରୀଗୋପୀନାଥଜୀଉ ସାଂସ୍କୃତିକ ପରିଷଦର ସମ୍ପାଦକ ବିରଜା ପ୍ରସାଦ ପଟ୍ଟନାୟକଙ୍କ ପୋ÷ରୋହିତ୍ୟରେ ସଭା କାର୍ଯ୍ୟ ହୋଇଥିଲା। ମୁଖ୍ୟଅତିଥି ଭାବରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗ ଦେଇ ଦୋଳ ଉତ୍ସବ ଓଡ଼ିଆ କଳା ସଂସ୍କୃତି ଏବଂ ଐତିହ୍ୟକୁ ବଂଚାୟ ରଖିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଯୁବ ସମାଜସେବୀ ଡ଼ଃ ସଂଗିତା ଛୋଟରାୟ ଯୋଗ ଦେଇ ଥିଲେ। ମୁଖ୍ୟବକ୍ତା ଭାବରେ ବ୍ଲକ ଅଧ୍ୟକ୍ଷା ଦେବସ୍ମିନ ନନ୍ଦ ଦାଣ୍ଡମୁକୁନ୍ଦପୁର ସରପଞ୍ଚ ପରେଶ ମିଶ୍ର ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ ଶ୍ରୀଗୋପୀନାଥଜୀଉ ସାଂସ୍କୃତିକ ପରିଷଦର ସଭାପତି ବେଣୁଧର ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇ ଦୋଳ ଉତ୍ସବ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ଏହି ଅବସରରେ ଓଡ଼ିଶାର ଖ୍ୟାତନାମା କଣ୍ଠ ଶିଳ୍ପୀ ପ୍ରଶାନ୍ତ ପାଢୀ ପ୍ରୀୟଙ୍କା ମହାପାତ୍ର ଅନନ୍ୟା ସାହୁ ଚିତରଂଜନ ସାହୁ ଚିନ୍ମୟୀ ବାରିକ ଅଭିନ୍ନ ସୁନ୍ଦରଙ୍କ ସୁମଧୁର କଣ୍ଠରେ ଶ୍ରୀଜଗନ୍ନାଥଙ୍କ ଅନେକ ଲୋକପ୍ରୀୟ ଭଜନ ଶୁଣିବାକୁ ମିଳିଥିଲା। କାଯ୍ୟକ୍ରମକୁ ପ୍ରଫୁଲ ସାହୁ ଶ୍ରୀକୃଷ୍ଣ ମହାନ୍ତି ସଂଜୟ ମିଶ୍ର ସନ୍ଦିପ ବେହେରା ମିଥୁନ ସାହୁ ପ୍ରଦୀପ ବଢେଇ ଲିପୁ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅନନ୍ତ ବାସୁଦେବ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ



**ନୟାହାଟ,୨୮ ।୩(ସମିସ):** ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ସିଙ୍ଗି ପାନିଆ ଗ୍ରାମରେ ଗ୍ରାମର ମୁଖିଆ ଫକିର ଚରଣ ସାହୁଙ୍କ ନେତୃତ୍ୱରେ ଅନନ୍ତ ବାସୁଦେବ ପୀଠରେ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ପ୍ରାଚୀ ନଦୀରୁ ଘଣ୍ଟଘଣ୍ଟା କୀର୍ତ୍ତନ କରି କର୍ତ୍ତା ବସନ୍ତ ସାହୁ ,କର୍ତ୍ତି ସନ୍ଧ୍ୟାରାଣୀ ସାହୁ ପ୍ରମୁଖ କଳସ ଆଣି କୁଞ୍ଜରେ ସ୍ଥାପନ କରିଥିଲେ। ଅନନ୍ତ ବାସୁଦେବ ପୀଠରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ପରିବେଷଣ କରାଯାଇଥିଲା। ହରି ନାମ ସଙ୍କିର୍ତ୍ତନରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଫୁଲ୍ଲ କୁମାର ମଲ୍ଲିକ୍
ଆବିର୍ଭାବ: ୨୩.୦୭.୧୯୬୪
ତିରୋଧାନ: ୧୫.୦୩.୨୦୨୪
ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ। ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ :
ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ।

୨୮/୩/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୧,୪୮୫/- ସୁନା: ୦୫.୧୩୦ ଗ୍ରାମ୍ ରୁପା: ୬୭.୦୦୦ ଗ୍ରାମ୍





## ମହାପ୍ରଭୁଙ୍କୁ ଦର୍ଶନକଲେ ବଲିଉଡ୍ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରି



**ପୁରୀ, ୨୮।୩(ସମିସ):** ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ମିନାକ୍ଷୀ ଶେଷାଦ୍ରି। ଗୁରୁବାର ସେ ସମ୍ପର୍କୀୟଙ୍କ ସହ ପୁରୀରେ ପହଞ୍ଚିଥିଲେ। ତାଙ୍କୁ ତାଙ୍କ ପଣ୍ଡା ସ୍ୱାଗତ କରିବା ସହ ମନ୍ଦିରକୁ ପାଛୋଟି ନେଇଥିଲେ। ସମ୍ପର୍କୀୟଙ୍କ ସହ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ ମିନାକ୍ଷୀ। ଏହାପରେ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ସେ କହିଥିଲେ, ୩୦ ବର୍ଷ ତଳେ ଶ୍ରୀମନ୍ଦିର ଆସିଥିଲି। ସେତେବେଳର ପୁରୀ ଆଉ ଏବେର ପୁରୀ ବହୁତ ତଫାତ୍। ପୂର୍ବରୁ ସେ ଓଡ଼ିଶାର ଭୁବନେଶ୍ୱର, କଟକ ଓ ପୁରୀ ଆସିଥିଲେ। ତେବେ ପୁରୀ ତଥା ଓଡ଼ିଶାର ଲୋକେ ବହୁତ ସରଳ ବୋଲି କହିଛନ୍ତି ମିନାକ୍ଷୀ।

### ନାମ ଘୋଷଣା ପରେ...

# ମହାପ୍ରଭୁଙ୍କ ଶରଣରେ ପ୍ରାର୍ଥୀ

ପୁରୀ, ୨୮।୩(ସମିସ)

ସାଧାରଣ ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ବିଭିନ୍ନ ଦଳର ରାଜନେତାଙ୍କ ମନରେ ଆଶା ଆଶଙ୍କା ବଢୁଛି। ପ୍ରଥମେ ସମସ୍ତଙ୍କ ନଜର ରହିଛି କିଏ କେଉଁଠୁ ପ୍ରାର୍ଥୀ ହେଉଛନ୍ତି। ତେଣୁ ଏହାକୁ ନେଇ ପ୍ରମୁଖ ରାଜନୈତିକ ଦଳ ଗୋଟିଚାଳନା କରୁଛନ୍ତି। ତେବେ ପ୍ରାର୍ଥୀ ଘୋଷଣା କ୍ଷେତ୍ରରେ ବିଜେଡି ଆଗରେ ରହିଥିବା ବେଳେ ଦ୍ୱିତୀୟରେ ଭାଜପା ରହିଛି। ହେଲେ କଂଗ୍ରେସ ଏ ପର୍ଯ୍ୟନ୍ତ ସଂସଦୀୟ କ୍ଷେତ୍ର ହେଉ ଅବା ବିଧାନସଭା ନିର୍ବାଚନମଣ୍ଡଳୀ କେଉଁଠାରୁ ବି ପ୍ରାର୍ଥୀ ଘୋଷଣା କରିନାହିଁ। ହେଲେ ବିଜେଡି, ବିଜେପି ପକ୍ଷରୁ କେତେକ ଆସନ ଲାଗି ପ୍ରାର୍ଥୀଙ୍କ ନାଁ ଘୋଷଣା ପରେ ଏବେ ନେତାଙ୍କ ଧାଡି ଲାଗିଛି ପୁରୀକୁ। ବିଜେଡି, ବିଜେପି ସହ କଂଗ୍ରେସର ନେତାମାନେ ମଧ୍ୟ ମହାପ୍ରଭୁଙ୍କ ଶରଣାପନ୍ନ ହେଉଛନ୍ତି। ଆଗାମୀ ନିର୍ବାଚନ ବୈତରଣୀ ପାର୍ ହେବାକୁ ସମସ୍ତେ ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡୁଛନ୍ତି। ଏହି କ୍ରମରେ ଗୁରୁବାର ପୁରୀକୁ ବହୁ ପ୍ରାର୍ଥୀ ସମର୍ଥକଙ୍କ ସହ ଆସି ଠାକୁରଙ୍କ ଆଶିଷ ଭିକ୍ଷା କରିଛନ୍ତି।

ଏହି ପ୍ରାର୍ଥୀଙ୍କ ମଧ୍ୟରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ପ୍ରଣବ ପ୍ରକାଶ ଦାସ। ସେହିପରି ବିଜେଡିର ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ସତ୍ୟବାଦୀର ପୁଣ୍ୟ ମାଟିରେ ମୋ ସେବା କରିବାକୁ ଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ସତ୍ୟବାଦୀ ଅଞ୍ଚଳବାସୀଙ୍କ ଆଶୀର୍ବାଦ ରହିଲେ ନିଶ୍ଚିତ ସେମାନଙ୍କର ସେବା କରିବାକୁ ସୁଯୋଗ ମିଳିବ। ମହାପ୍ରଭୁଙ୍କ ଦର୍ଶନ କରି କର୍ମଭୂମିକୁ ଯାଇ ଲୋକଙ୍କ ସହ ମିଶିବି। ମହାପ୍ରଭୁ ଆମ ସମସ୍ତଙ୍କୁ ଘଣ୍ଟ ଘୋଡାଇ ରଖିଥାନ୍ତୁ ବୋଲି କହିଛନ୍ତି ସଞ୍ଜୟ। ଅନ୍ୟପକ୍ଷରେ ଯଦିଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ ଦାରୁବିଗ୍ରହଙ୍କ ଆଶିଷ ନେବାକୁ ଆସିଛନ୍ତି ଅନେକ ଦଳୀୟ ନେତା। ଏହି କ୍ରମରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି। କଂଗ୍ରେସର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଛି। ଦିନେ ଦୁଇଦିନ ମଧ୍ୟରେ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। କଂଗ୍ରେସ ଦଳ ଓ ଏହାର ସମସ୍ତ ନେତା ମହାପ୍ରଭୁଙ୍କ ଆଶ୍ରିତ। ଦଳ ମୋତେ ଯେଉଁ ଦାୟିତ୍ୱ ଦେବ ଜଣେ ଶୃଙ୍ଖଳିତ ସୈନିକ ଭାବେ ତାହାକୁ ପାଳନ କରିବି ବୋଲି କହିଛନ୍ତି ବିଶ୍ୱରଞ୍ଜନ।

ସେହିପରି ଦଶପଲ୍ଲା ବିଧାୟକ ତଥା ଦ୍ୱିତୀୟଥର ପାଇଁ ପ୍ରାର୍ଥୀ ଘୋଷିତ ରମେଶ ବେହେରା। ସେ କହିଛନ୍ତି, ଜଣେ ଓଡ଼ିଆ ଭାବେ ଯେ କୌଣସି ଶୁଭ କାର୍ଯ୍ୟ କରୁ ପ୍ରଥମେ ମହାପ୍ରଭୁଙ୍କ ଆଶିଷ ଲୋଡିଥାଉ। ତେଣୁ ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ଲୋଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସଶକ୍ତ ଓଡ଼ିଶା ଗଠନ ପାଇଁ ପ୍ରୟାସ ଜାରି ରଖିଛନ୍ତି ତାକୁ ଆଗକୁ ନେବା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି ବୋଲି କହିଛନ୍ତି ଶ୍ରୀ ବେହେରା। ସେହିପରି ଗତକାଲି ବିଜେଡି ପକ୍ଷରୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ହୋଇଥିବା ମନ୍ମଥ ରାଉତରାୟ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ବିଜେପିର ଏକାଧିକ ପ୍ରାର୍ଥୀ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ଆଶିଷ ଲୋଡିଛନ୍ତି।



### ଭଗବତୀ ବିଦ୍ୟା ନିକେତନର ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଘାଟିତ

# ‘ଉପଯୁକ୍ତ ଶିକ୍ଷା ହିଁ ଶ୍ରେଷ୍ଠତା ଆଣିଥାଏ’



ଉଚ୍ଚାକାଂକ୍ଷୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ପୁରୀ, ୨୮।୩(ସମିସ)

ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନର ଦୁଇଦିନିଆ ରୌପ୍ୟଜୟନ୍ତୀ ସମାରୋହ ସ୍ଥାନୀୟ ଆଖଣ୍ଡଳମଣୀ ତପୋବନ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ ପ୍ରାକ୍ତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ଉଦ୍‌ଘାଟନ କରିଛନ୍ତି। ଏଥିରେ ‘କାଦମ୍ବିନୀ’ ଓ ‘କୁନିକଥା’ର ସମ୍ପାଦିକା ଡ. ଇତି ସାମନ୍ତ ମୁଖ୍ୟବକ୍ତା, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଶିଷ୍ଟ ସ୍ତମ୍ଭକାର ତଥା ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, ଡିଷ୍ଟ୍ରିକ୍ଟ ଲାୟନ୍ସ ଚେୟାର ପର୍ସନ୍ ଗିରୀଶ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଇ ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ମହେନ୍ଦ୍ର ବିଶୋଇ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବୀରେନ୍ଦ୍ର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର ‘ପ୍ରତିଜ୍ଞା’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗଭୀର ଅଧ୍ୟବସାୟ ଏବଂ ଉପଯୁକ୍ତ ଶିକ୍ଷା ହିଁ ସର୍ବଦା ଶ୍ରେଷ୍ଠତା ଆଣିଥାଏ। ତେଣୁ ବିଦ୍ୟାର୍ଥୀମାନେ ଉଚ୍ଚକାଂକ୍ଷୀ ହୋଇ ରାଷ୍ଟ୍ର ପ୍ରଗତି ପାଇଁ ସ୍ୱପ୍ନ ଦେଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଶିକ୍ଷାସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପିପିଲି ବ୍ଲକ ଅନ୍ତର୍ଗତ ବୀରପୁରୁଷୋତ୍ତମପୁର ପତିତପାବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମିଶ୍ର ଏବଂ ଗୋପ ବ୍ଲକ ଅନ୍ତର୍ଗତ ଭୂଆଁସ୍ଥିତ ବାସୁଦେବ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଞ୍ଜୁଲତା ନାୟକଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ରୌପ୍ୟ ଜୟନ୍ତୀ ଅବସରରେ ଭରତ ନାୟକ, ମୁକ୍ତିକାନ୍ତ ପଣ୍ଡା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର କୁମାର ଦାଶ, ଜ୍ୟୋତିପ୍ରକାଶ ମହାରଣା, ଜଗନ୍ନାଥ ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ରବୀନ୍ଦ୍ର ବେହେରା, ଅଶ୍ୱିନ କୁମାର ପଟ୍ଟନାୟକ, ପ୍ରୀତିମୟୀ ମହାପାତ୍ର, ରତ୍ନମଣି ଦଳାଇ, କୃଷ୍ଣଚନ୍ଦ୍ର କାନୁନଗୋ, ସୌମେନ୍ଦ୍ର ପଟ୍ଟନାୟକ, ବିକ୍ରମ କୁମାର ବରାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥିମାନେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଅର୍ପିତା ପ୍ରଧାନ ଶ୍ରେଷ୍ଠ ବିଦ୍ୟାର୍ଥୀ ରୂପେ ପୁରସ୍କୃତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରାଣକୃଷ୍ଣ-ଅନ୍ନପୂର୍ଣ୍ଣା ମେଧା ପୁରସ୍କାର, କୁନ୍ତଳା ଦାସ ସ୍ମୃତି ପୁରସ୍କାର, ପ୍ରଭାତ କୁମାର ସ୍ମୃତି ପୁରସ୍କାର, ଡକ୍ଟର ଭୀମସେନ ସ୍ମୃତି ପୁରସ୍କାର, ଦ୍ୱିଜବର ପଲାଇ ସ୍ମୃତି ପୁରସ୍କାର ଆଦି ପ୍ରଦାନ କରାଯାଇଥିଲା। ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ସଭାପର୍ବ ପରେ କୁନିକୁନି ପିଲାମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ସରଗୀ ଫୁଲ, ମା’ ତୁମେ ମୋ ପାଇଁ ଈଶ୍ୱରଙ୍କ ଅବଦାନ, ବରଷା ରାଣୀ, ବନ୍ଦେ ମାତରମ୍ ଆଦି ମନୋଜ୍ଞ ସସ୍କୃତିକ କାର୍ଯ୍ୟକ୍ରମ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଭିଭାବକଙ୍କ ସମେତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

## ସଦାଶିବ ପରିସର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



ପୁରୀ, ୨୮।୩(ସମିସ)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ଧର୍ମଶାସ୍ତ୍ର ବିଭାଗ ତରଫରୁ ଗୁରୁବାର ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ବିଭାଗ ମୁଖ୍ୟ ବରିଷ୍ଠ ପ୍ରଫେସର ଲଳିତ କୁମାର ସାହୁ। ଏଥିରେ ବିଶିଷ୍ଟ ଧର୍ମଶାସ୍ତ୍ରବିତ୍, ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଏବଂ ସୁପ୍ରଶାସକ ଭାବେ ପ୍ରଫେସର ନନ୍ଦଙ୍କ ଅବଦାନ ସମ୍ପର୍କରେ ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ଗବେଷିକା ଏବଂ ଅଧ୍ୟାୟୀମାନେ ସ୍ମୃତିଚାରଣ କରିଥିଲେ। ପରିସରର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ରଙ୍କ ସମେତ ପ୍ରଫେସର ରମାକାନ୍ତ ମିଶ୍ର, ପ୍ରଫେସର ମଖିଳେଶ କୁମାର, ପ୍ରଫେସର କେ.ଭି. ସୋମୟାଜୁଲୁ, ଧର୍ମଶାସ୍ତ୍ର ବିଭାଗର ଅଧ୍ୟାପକ ଡ. ପ୍ରିୟରଞ୍ଜନ ରଥ, ଡ. ସିଦ୍ଧାର୍ଥ ଶଙ୍କର ଦାଶ, ଡ. ମନୋଜ ସ୍ୱାଇଁ, ଡ. ପ୍ରକାଶ କୁମାର ଶତପଥୀ, ଡ. ଅନିଲ କୁମାର ଦାଶ ଏବଂ ଅଧ୍ୟାପିକା ଡ. ଶକୁନ୍ତଳା ଦାଶ ପ୍ରମୁଖ ପ୍ରଫେସର ନନ୍ଦଙ୍କ ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିଥିଲେ। ଶେଷରେ ପ୍ରଫେସର ଲଳିତ କୁମାର ସାହୁଙ୍କୁ ନବନିଯୁକ୍ତ ନିର୍ଦ୍ଦେଶକ ଭାବେ ଧର୍ମଶାସ୍ତ୍ର ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୂଚନାଯୋଗ୍ୟ, ପ୍ରଫେସର ସାହୁ ପୂର୍ବରୁ କେରଳସ୍ଥ ଗୁରୁବାୟୁର ପରିସରରେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସଭାକୁ ଗବେଷକ ଗୋପାଳକୃଷ୍ଣ ମିଶ୍ର ସଂଯୋଜନା କରିଥିବାବେଳେ ସ୍ୱାଗତ କରିଥିଲେ ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ଏବଂ ଧନ୍ୟବାଦ ଦେଇଥିଲେ ଗବେଷିକା ଟୁଇଙ୍କିଲ ରାଉତ।

## ୱାଟର ୱାର୍କସ ରୋଡରେ ସୁନ୍ଦରାକାଣ୍ଡ



ପୁରୀ, ୨୮।୩(ସମିସ)

ସ୍ଥାନୀୟ ୨୭ ନଂ. ୱାର୍ଡ ୱାର୍ଟର ୱାର୍କସ ରୋଡ ସୁଜନ କମ୍ୟୁନିକେଶନ ନିକଟରେ ସୋମବାର ସୁନ୍ଦରାକାଣ୍ଡ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଦୋଳ ପୂର୍ଣ୍ଣିମା ଉପଲକ୍ଷେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଏଭଳି ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସୁନ୍ଦରାକାଣ୍ଡ ମହୋତ୍ସବ ଚାଲିଥିଲା।

କାର୍ଯ୍ୟକ୍ରମରେ ବହୁ ଲୋକ ଯୋଗଦେଇ ଠାକୁରଙ୍କ ବିଭୂକୃପା ଲାଭ କରିଥିଲେ। ୱାର୍ଡର ସଞ୍ଜୀବ କୁମାର ମୁଖାର୍ଜୀ, ସନାତନ ଦାସ, ମାନସ କୁମାର ଲେଙ୍କା, ଦିଲ୍ଲୀପ କୁମାର ଲେଙ୍କା, ଶଙ୍କର୍ଷଣ ରାଉତ, ବୈଦ୍ୟନାଥ ଷଡ଼ଙ୍ଗୀ, ମନୋଜ କୁମାର ଦାସ, ରାଧାନାଥ ଷଡ଼ଙ୍ଗୀ, ପର୍ଶୁ ରାଓ, ଦୀନବନ୍ଧୁ ମହାପାତ୍ର, ପବିତ୍ର କୁମାର ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ଭାତୃତ୍ୱର ସନ୍ଦେଶ ଇଫ୍‌ତାର ପାର୍ଟି

**କାକଟପୁର, ୨୮।୩ (ସମିସ):** କାକଟପୁର ବ୍ଲକ ଅନ୍ତର୍ଗତ ଭଣ୍ଡାଘର ପଞ୍ଚାୟତ ଖାନପୁର ଗ୍ରାମର ଏସିଏମ୍ କମିଟି ପକ୍ଷରୁ ଦି ଗ୍ରିଲୋ ରେଷ୍ଟୁରାଣ୍ଟରେ ଏକ ଭାଇଚାରାର ପ୍ରତିକ ଇଫତାର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଂଯୋଜକ ଏଜାଜ ଅହମଦ ଖାଁଙ୍କ ଆୟୋଜନରେ ପ୍ରସ୍ତୁତ ଇଫତାର ବନ୍ଧୁ ମିଳନରେ ସଭାପତି ମୁନସଫ ଖାଁ, ସମ୍ପାଦକ ରିହାନ ଅଲ୍ଲି, କୋଷାଧ୍ୟକ୍ଷ ଓସିମ୍ ଖାଁ, ସାଲାଉଦ୍ଦିନ ଖାଁ, ହାଫିଜ୍ ମିନହାଜ, ମୋହାହିଦ ଖାଁ, ଶେର ଖାଁ, ମେହେବୁବ ଖାଁ, ସୋନାବ ଖାଁ, କଲାମ ଖାଁ, ରାଜା ଖାଁ, ଫେସଲ ଖାଁ, ଫିରୋଜ ଖାଁ, ମୁସ୍ତାକ ଖାଁ, ଓ ନେସାରୁଲ ଖାଁ ପ୍ରମୁଖ ଯୋଗଦେଇଥିଲେ।ବର୍ତ୍ତମାନ ଯୁଗରେ ସମସ୍ତ ସମ୍ପ୍ରଦାୟର ମଧ୍ୟରେ ଭାତୃତ୍ୱବନ୍ଧନ, ଉତ୍ତମ ସାମାଜିକ ଓ ପାରିବାରିକ ସୌହ।।ରିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ଏହି ଇଫତାର ବନ୍ଧୁମିଳନର ଉଦେଶ୍ୟ ବୋଲି ଆୟୋଜକ ମାନେ ପ୍ରକାଶ କରିବା ସହ ଗ୍ଲୋବାଲ ୱାର୍ମିଙ୍ଗରୁ ବିଶ୍ୱକୁ ରକ୍ଷା କରିବା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ।

# ଦର୍ଶକଙ୍କ ମନକୁ ଛୁଇଁଲା ନାଟକ ‘ଅଜାତି’

ପୁରୀ, ୨୮।୩(ସମିସ)



ପୁରୀ ଆଟିଷ୍ଟ ଆସୋସିଏଶନ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଥିବା ବିଶ୍ୱ ନାଟ୍ୟ ଦିବସର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନାଟକ ‘ଅଜାତି’। ତେବେ ନାଟକ ଆରମ୍ଭ ପୂର୍ବରୁ ସଭାପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଭଗବାନ ସୁଆର, ଆର୍ତ୍ତ ତ୍ରାଣ ଶତପଥୀ, ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, ଲକ୍ଷ୍ମୀଧର ପୂଜାପଣ୍ଡା ଏବଂ ରାଧେଶ୍ୟାମ ରଥ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାଟକର ପ୍ରଚାର ପ୍ରସାର ଅଭାବରୁ ଦର୍ଶକଙ୍କ ଉପସ୍ଥିତି ଖୁବ୍ କମ୍ ହେଉଛି। ତେଣୁ ସମସ୍ତେ ଚେଷ୍ଟା କଲେ ଦର୍ଶକ ଭରପୂର ହେବେ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମଞ୍ଚସ୍ଥ ନାଟକ ‘ଅଜାତି’ର ନିର୍ଦ୍ଦେଶକ ବିକାଶ ଦତ୍ତଙ୍କୁ ଅତିଥି ପୁରସ୍କୃତ କରିଥିଲେ।

ଏହାପରେ ନାଟକ ଅଜାତି ମଞ୍ଚସ୍ଥ ହେଇଥିଲା। ସ୍ୱର୍ଗତ ବିଜୟ ମହାନ୍ତିଙ୍କ ରଚିତ ଏହି ନାଟକର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କାଳି ଶଙ୍କର ମହାନ୍ତି। ବିକାଶ ଦତ୍ତଙ୍କ ନିର୍ଦ୍ଦେଶିତ ଏହି ନାଟକ ଦର୍ଶକଙ୍କ ମନକୁ ବେଶ୍ ଛୁଇଁ ଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବସି ନାଟକ ଉପଭୋଗ କରିଥିଲେ ନାଟ୍ୟପ୍ରେମୀ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ସମୀର ଶତପଥୀ, ଭାରତୀ ମହାପାତ୍ର, ପ୍ରତାପ ସାହୁ, ସବିତା ହରିଚନ୍ଦନ, ଶୁଭସ୍ମିତା ରାଉତରାୟ, ମନିଷା ମହାନ୍ତି, ପ୍ରଦୀପ ପ୍ରଧାନ, ବିକାଶ ଦତ୍ତ, ରବି ନାରାୟଣ ତ୍ରିପାଠୀ, ଦୀପକ ମହାନ୍ତି, ଗଣେଶ ମହାପାତ୍ର, ଅଭ୍ୟୁଦୟ ଦାସ, ନରସିଂହ ମହାପାତ୍ର, ପ୍ରତାପ ସାହୁ, ଦେବୀ ପ୍ରସାଦ ମିଶ୍ର, ଉମା ସାହା, ଗୋପୀନାଥ ପୂଜାପଣ୍ଡା, ଅନୁପ ପଟ୍ଟନାୟକ, ହିମାଂଶୁ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶ୍ୟାମପ୍ରକାଶ ସେନାପତି।

## ଆଇଟିଆଇରେ କର୍ମଶାଳା: ‘ଛାତ୍ରଛାତ୍ରୀ ଉଦ୍ୟମୀ ହୁଅନ୍ତୁ’




**ପୁରୀ, ୨୮।୩(ସମିସ):** ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଆନୁକୂଲ୍ୟରେ ଏକ ଏଣ୍ଟରପ୍ରିନରସିପ ଡେଭଲପ୍‌ମେଣ୍ଟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇଇଡିଓ, ଏସ୍‌ଆଇୱାଇବି ଏବଂ ଆଇଏଲ୍‌ଓର ମିଳିତ ଉଦ୍ୟମରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଉଦ୍ୟମିତା ଆକାଂକ୍ଷୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ପରିଚାଳକ ଅମୂଲ୍ୟରତ୍ନ ପଣ୍ଡା, ପୁରୀ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ. ଅରବିନ୍ଦ ଘୋଷ ଏବଂ ଆଇଇଡିଓର ନିର୍ଦ୍ଦେଶକ ପ୍ରଭାକର ରାଓ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଇଂ. ଶ୍ରୀ ଘୋଷ ନିଜ ବକ୍ତବ୍ୟରେ ଆଇଟିଆଇ ଶିକ୍ଷା ପରବର୍ତ୍ତୀ ଉଦ୍ୟୋଗିତା ସୁଯୋଗ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀ ନିଜକୁ ଜଣେ ଜଣେ ଉଦ୍ୟମୀ ହେବା ପାଇଁ ଉତ୍ସାହିତ କରିଥିଲେ। ଉକ୍ତ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମରେ ଉଦ୍ୟମିତା ଏବଂ ଉଦ୍ୟମିତାତ୍ମକ ସୃଷ୍ଟି ସମ୍ବନ୍ଧିତ ବିଭିନ୍ନ ଆଲୋଚନାରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଉଦାହରଣ ମାଧ୍ୟମରେ ଆଶାୟୀ ପାର୍ଥୀମାନଙ୍କୁ ‘ନୂତନ କଳ୍ପନାରୁ ବାସ୍ତବତା ଓ ଉଦ୍ୟମିତାରୁ ସମୁଦାୟରେ ପ୍ରଗତି’ ସମ୍ବନ୍ଧୀୟ ବିଶେଷ ସୂଚନା ଦିଆଯାଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୧ ● ପାଉଣ୍ଡ ୧୦୫.୮୯
- ୟୁରୋ ୯୦.୨୧ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୧,୫୧୦ (ନୂଆଦିଲ୍ଲୀ)
- ରୁପା : ୭୭,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୬୩୫.୦୦
- ନିଫ୍ଟି ୨୨,୩୨୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମରେ ଟାଟା ଷ୍ଟିଲ୍ ଯୋଡା ଇଷ୍ଟ ଲୌହ ଖଣି ବିପ୍ଳବ ଆଣିଛି



**ଭୁବନେଶ୍ୱର, ୨୮।୩(ସମିସ):** ଟାଟା ଷ୍ଟିଲ୍ ର ଯୋଡ଼ା ଇଷ୍ଟ ଲୌହ ଖଣି (ଜେଇଆଇଏମ୍), ୱେନ୍‌କୋ ମାଇନ୍ ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଏଫ୍‌ଏମ୍‌ଏସ୍) କୁ ସଫଳତାର ସହ କାର୍ଯ୍ୟକାରୀ କରୁଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା, ଖଣି ଶିଳ୍ପରେ ଭାରିଯାନ ପରିଚାଳନା ଏବଂ ନିୟନ୍ତ୍ରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରିଛି। ଏହା ଫ୍ଲିଟ୍ (ଖଣି ରେ ନିୟୋଜିତ ଭାରିଯାନ) ପରିଚାଳନା ରେ ଏକ ଯୁଗର ଶୁଭାରମ୍ଭ କରିଥିବା ବେଳେ ନିରାପତ୍ତା, ଉତ୍ପାଦକତା, ଦୀର୍ଘସ୍ଥାୟୀତ୍ୱ ଓ ସମ୍ବଳ ଉପଯୋଗିତା ବଢ଼ାଇବାରେ ଉଲ୍ଲେଖନୀୟ ଅବଦାନ ରହିଛି। ବାସ୍ତବ ସମୟ କାର୍ଯ୍ୟଦକ୍ଷତା ଉପରେ ନଜର କରିବା, ଉତ୍ପାଦନକୁ ସର୍ବାଧିକ କରିବା ଏବଂ କ୍ଷେତ୍ର ପ୍ରତିବନ୍ଧକକୁ ଦୂର କରି ନିରାପତ୍ତା ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଏଫ୍‌ଏମ୍‌ଏସ୍‌କୁ କାର୍ଯ୍ୟକାରୀ କରାଯାଇଛି। ଚମତ୍କାର ପ୍ରେରଣ ମାଧ୍ୟମରେ ଏହା କାର୍ଯ୍ୟବରାଦ (ଆସାଇନମେଣ୍ଟ) ସୃଷ୍ଟି କରି ମେସିନ୍ ଏବଂ କର୍ମଚାରୀଙ୍କ ଉତ୍ପାଦକତାରେ ଉନ୍ନତି ଆଣୁଛି ଏବଂ ଇନ୍ଧନ ବ୍ୟବହାର ଏବଂ କାର୍ବନ ଫୁଟପ୍ରିଟ୍‌କୁ ହ୍ରାସ କରୁଛି ଯାହା ପରିବେଶ ପରିଚାଳନାକୁ ସୁଦୃଢ଼ କରୁଛି। ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମର ଡାଟା ଆନାଲିଟିକ୍ସ ଗୁରୁତ୍ୱପୂର୍ଣ୍ଣ ଯାହା ବିଶ୍ଳେଷଣ ଏବଂ ପରିଚାଳନାଗତ ଉନ୍ନତି ପାଇଁ ତଥ୍ୟ ପ୍ରଦାନ କରୁଛି। ଏହା ସାମଗ୍ରିକ ଉପକରଣ ପ୍ରଭାବ (ଓଇଇ) ରେ ଉନ୍ନତି ଆଣୁଛି, ଗ୍ରେଡ୍ ନିୟନ୍ତ୍ରଣ ଏବଂ ମିଶ୍ରଣ ମାଧ୍ୟମରେ ଖଣିଜ ସଂରକ୍ଷଣରେ ସାହାଯ୍ୟ କରୁଛି ଏବଂ ରିପୋର୍ଟ ଉତ୍ପାଦନକୁ ସ୍ୱୟଂଚାଳିତ କରୁଛି ଏବଂ ଅଧିକ ଦକ୍ଷତା ପାଇଁ ଖଣି କାର୍ଯ୍ୟରେ ଅଟୋମେସନ୍ ଏବଂ ଡିଜିଟାଇଜେସନକୁ ପ୍ରୋତ୍ସାହିତ କରୁଛି।

# ଏପ୍ରିଲ୍ ପହିଲାରୁ କାର୍ ମହଙ୍ଗା



## ବଢ଼ିବ ଅନେକ ଯାନର ମୂଲ୍ୟ

## ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ମୂଲ୍ୟ ବଢ଼ିବାର କାରଣ

**ନୂଆଦିଲ୍ଲୀ,୨୮।୩(ଏଜେନ୍ସି)**

ଆପଣ ଏକ ନୂଆ କାର କିଣିବାକୁ ଯୋଜନା କରୁଛନ୍ତି କି। ତେବେ ଏପ୍ରିଲ୍ ପହିଲାଠାରୁ ଆପଣଙ୍କୁ ଏଥିପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିପାରେ। ପହିଲାଠାରୁ କେତେକ କାର ନିର୍ମାତା ସେମାନଙ୍କ ଗାଡିର ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ତାହା ମଧ୍ୟରେ କିଆ ଇଣ୍ଡିଆ ଏବଂ ଟୟୋଟା କିର୍ଲୋସ୍କର ଭଳି କମ୍ପାନୀ ରହିଛନ୍ତି। ଟୟୋଟା କିର୍ଲୋସ୍କର ମୋଟର ଗୁରୁବାର ଘୋଷଣା କରିଛି ଯେ, କମ୍ପାନୀ ଏହାର ନିର୍ଦ୍ଦିଷ୍ଟ ମଡେଲଗୁଡିକର କିଛି ମଡେଲର ମୂଲ୍ୟ ଏପ୍ରିଲ୍ ପହିଲାଠାରୁ ବୃଦ୍ଧି କରିବାକୁ ଯୋଜନା କରୁଛି। କମ୍ପାନୀ ଅନୁଯାୟୀ ମୂଲ୍ୟରେ କମ୍ପାନୀ ଆନୁମାନିକ ଭାବେ ଏକ ପ୍ରତିଶତ ବୃଦ୍ଧି କରିପାରେ। ଉତ୍ପାଦନ ଏବଂ ପରିଚାଳନା ଖର୍ଚ୍ଚରେ ବୃଦ୍ଧି ଯୋଗୁ କମ୍ପାନୀ ଏପରି ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା କହିଛି। ଟିକେଏମ୍ ହ୍ୟାଚ୍‌ବ୍ୟାକ୍ ଗ୍ଲାନ୍‌ଜାଠାରୁ ଆରମ୍ଭ କରି ପ୍ରିମିୟମ୍ ଏସ୍‌ୟୁଭି ଫର୍ଚୁନର୍ ପର୍ଯ୍ୟନ୍ତ କମ୍ପାନୀ ବିଭିନ୍ନ ଯାନ ବିକ୍ରି କରିଥାଏ, ଯାହାର ମୂଲ୍ୟ ୬.୮୬ ଲକ୍ଷରୁ ୫୧.୪୪ ଲକ୍ଷ ଟଙ୍କା ମଧ୍ୟରେ ରହିଛି।

ଏଥିସହିତ କିଆ ଇଣ୍ଡିଆ ଏହାର ସମଗ୍ର ଉତ୍ପାଦ ରେଞ୍ଜର ମୂଲ୍ୟରେ ବୃଦ୍ଧି ଘୋଷଣା କରିଛି। କମ୍ପାନୀ ଏହାର କାର ମୂଲ୍ୟ ତିନି ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ରଖିଛି। ଯୋଗାଣ ଶୃଙ୍ଖଳା ସହିତ ଜଡିତ ଉତ୍ପାଦନ ଖର୍ଚ୍ଚ ଏବଂ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କାରଣରୁ କମ୍ପାନୀ ଏହାର ମଡେଲ ମୂଲ୍ୟ ବୃଦ୍ଧି କରିବାକୁ ଯାଉଛି। ଏଭଳି ପରିସ୍ଥିତିରେ, ଯେଉଁମାନେ ଏପ୍ରିଲ୍ ପହିଲାରୁ ଏହି କମ୍ପାନୀଗୁଡିକର ଗାଡି କିଣୁଛନ୍ତି ସେମାନଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିପାରେ। ରିପୋର୍ଟ ଅନୁଯାୟୀ, ଭାରତରେ ଯାତ୍ରୀବାହୀ ଯାନଗୁଡିକର ବିକ୍ରିରେ ବୃଦ୍ଧି ଘଟିଛି। ଫେବୃଆରୀରେ, ଯାତ୍ରୀବାହୀ ଯାନ ବିକ୍ରି ବାର୍ଷିକ ୧୧ ପ୍ରତିଶତ ବୃଦ୍ଧି ପାଇଲା। ଅଟୋମୋବାଇଲ୍ କମ୍ପାନୀଗୁଡିକର କହିବାନୁଯାୟୀ, ଅନୁଯାୟୀ, କଞ୍ଚାମାଲର ମୂଲ୍ୟ ବୃଦ୍ଧି, ସାମଗ୍ରିକ ମୁଦ୍ରାସ୍ଫୀତି ଏବଂ ବ ଦେଶିକ ମୁଦ୍ରା ମୂଲ୍ୟରେ ପରିବର୍ତ୍ତନ ଭଳି ଅନେକ କାରଣ ହେତୁ କାର ଉତ୍ପାଦନ ମୂଲ୍ୟ ବୃଦ୍ଧି ପାଇଛି। ଏହି କାରଣରୁ ଅଟୋ ନିର୍ମାତାଙ୍କ ଉପରେ ମୂଲ୍ୟ ବୃଦ୍ଧି ପାଇଁ ଚାପ ରହିଛି।

# ହାଇଟେକ୍‌ରେ ଜେରିଆଟ୍ରିକ୍ ସୋସାଇଟିର ପ୍ରଥମ ବାର୍ଷିକ ରାଜ୍ୟ ସମ୍ମିଳନୀ



**ଭୁବନେଶ୍ୱର,୨୮।୩(ସମିସ):** ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଭାରତର ଜେରିଆଟ୍ରିକ୍ ସୋସାଇଟିର ପ୍ରଥମ ବାର୍ଷିକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଏସ୍‌ଆଇ ଷ୍ଟେଟ୍ ବ୍ରାଞ୍ଚ ଏବଂ ହାଇଟେକ୍ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ଓ ଶ୍ରୀ ରଥ ଫାଉଣ୍ଡେସନ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ଡ. ରାଧାମାଧବ ତ୍ରିପାଠୀ,ମେଡିକାଲ ସୁପରିଟେଣ୍ଡେଣ୍ଟ ଡ.ବାସୁଦେବ ବେହେରା, ଭାଇସ୍ ପ୍ରିନ୍ସିପାଲ ଡ.ଲିସା ଷଡଙ୍ଗୀ, ଚେୟାରମ୍ୟାନ ଜିଏସଆଇ ଓଡିଶା ଡ. ପି.ସି ଦାସ, ଜିଏସ୍‌ଆଇ ଓଡିଶା ସେକ୍ରେଟାରୀ ଡ. ଏସ୍.କେ ସ୍ୱାଇଁ ଯୋଗଦାନ କରିଥିଲେ। ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହାର ଥିମ୍ ଥିଲା ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବା- ଭବିଷ୍ୟତର କାର୍ଯ୍ୟ ପାଇଁ ଆହ୍ୱାନ ଏବଂ ଆବଶ୍ୟକତା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆୟୋଜନ ଅଧକ୍ଷା ତଥା ଭାଇସ୍ ପ୍ରିନ୍ସିପାଲ ଡ. ଲିସା ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ବର୍ତ୍ତମାନ ସମୟରେ ବୟସ୍କଙ୍କ ଠାରେ ଆଣ୍ଠୁ ଗଣ୍ଠି ସମସ୍ୟା ଏକ ସାଧାରଣ ରୋଗ ଭାବେ ଉଭା ହୋଇଛି। ଯାହାକୁ ନେଇ ବହୁ ବିଶେଷଜ୍ଞ ତଥା ଚିକିତ୍ସାବିତ୍ ଏହି ସମସ୍ୟାରୁ କିଭଳି ରକ୍ଷା ପାଇ ପରିବା ବା ଏଡାଇ ପରିବା ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟପଟେ ବିଭିନ୍ନ ରୋଗ ଏବଂ ତାର ସମାଧାନ ବିଷୟରେ ଚିକିତ୍ସାବିତ୍ ମତ ରଖିଥିଲେ। ଶେଷରେ ଆୟୋଜକ ସଚିବ ଡ. ମହେଶ ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନିର୍ବାଚନ ପରେ ମହଙ୍ଗା ହେବ ମୋବାଇଲ ରିଚାର୍ଜ ପ୍ଲାନ୍

**ନୂଆଦିଲ୍ଲୀ,୨୮।୩(ଏଜେନ୍ସି)**

ମୋବାଇଲ ଉପଭୋକ୍ତାଙ୍କ ପାଇଁ ଖରାପ ଖବର। ଦେଶରେ ଲୋକସଭା ନିର୍ବାଚନ ପରେ ଏୟାରଟେଲ ଏବଂ ଜିଓ ବ୍ୟବହାରକାରୀଙ୍କୁ ବଡ଼ ଝଟ୍‌କା ଲାଗିପାରେ। ଅବଶ୍ୟ, ଏହି ବଡ଼ ଟେଲିକମ୍ କମ୍ପାନୀଗୁଡିକ ଶୁଳ୍କ ବୃଦ୍ଧି ପାଇଁ ଏକ ଭିନ୍ନ ଉପାୟ ଅବଲମ୍ବନ କରିପାରନ୍ତି। ନିକଟରେ ଭାରତୀ ଏୟାରଟେଲ ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ଏଆର୍‌ପିୟୁରେ ବୃଦ୍ଧି ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ଲୋକସଭା ନିର୍ବାଚନ ପରେ ଏୟାରଟେଲ୍ ମୋବାଇଲ ଟାରିଫ୍ ବୃଦ୍ଧି କରିବା ସମ୍ପର୍କିତ ଖବର ଏବେ ପ୍ରଚାରିତ ହେଉଛି। ଯଦି ଟାରିଫ୍‌ରେ ବୃଦ୍ଧି ହୁଏ ତେବେ ଏଥିଯୋଗୁ ଦେଶରେ କୋଟି କୋଟି ଉପଭୋକ୍ତା ପ୍ରଭାବିତ ହୋଇପାରନ୍ତି।

ବର୍ତ୍ତମାନ ଦେଶର ୩ ଘରୋଇ ଟେଲିକମ୍ କମ୍ପାନୀର ରିଚାର୍ଜ ପ୍ଲାନ୍ ମୂଲ୍ୟରେ ସେମିତି କିଛି ଅଧିକ ପାର୍ଥକ୍ୟ ନାହିଁ। ଏୟାରଟେଲ ଏବଂ ଭିଆଇର ପ୍ରିପେଡ୍ ଏବଂ ପୋଷ୍ଟପେଡ୍ ପ୍ଲାନ୍‌ଗୁଡ଼ିକର ମୂଲ୍ୟ ପ୍ରାୟ ସମାନ। ଏଥିସହ, ଜିଓର ରିଚାର୍ଜ ପ୍ଲାନ୍‌ର ମୂଲ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। ଏଆର୍‌ପିୟୁ ବିଷୟରେ କହିବାକୁ ଗଲେ, ବର୍ତ୍ତମାନ ଏୟାରଟେଲର ହାରାହାରି ଆୟ ୨୦୮ ଟଙ୍କା ସର୍ବାଧିକ। ଏଥିସହିତ, ଜିଓର ମୂଲ୍ୟ ୧୮୨ ଟଙ୍କା ଏବଂ ଭୋଡାଫୋନ୍-ଆଇଡିଆର ୧୪୫ ଟଙ୍କା ରହିଛି। ଏଆର୍‌ପିୟୁକୁ ୩୦୦ ଟଙ୍କାକୁ ବୃଦ୍ଧି କରିବାକୁ ଏୟାରଟେଲ ଅନେକ ଥର ପରାମର୍ଶ ଦେଇଛି। ଏୟାରଟେଲ ଏହାର ଯୋଜନାଗୁଡିକର ହାର ବୃଦ୍ଧି କରିବାକୁ ଚିନ୍ତା କରୁଥିବାବେଳେ ରିଲାଏନ୍ସ ଜିଓ ଏଆର୍‌ପିୟୁ ବୃଦ୍ଧି ପାଇଁ ଅନ୍ୟ ପଦ୍ଧତିକୁ ବିଚାର କରିପାରେ। ରିପୋର୍ଟ ଅନୁଯାୟୀ, ଜିଓ ଏହାର ଉପଭୋକ୍ତାମାନଙ୍କୁ ଅଧିକ ଡାଟା ବ୍ୟବହାର କରିବାକୁ ଉତ୍ସାହିତ କରିପାରିବ, ଯେଉଁଥିପାଇଁ କମ୍ପାନୀ ମହଙ୍ଗା ପ୍ୟାକେଜ୍ ଘୋଷଣା କରିବ। ଏହିପରି ଉପଭୋକ୍ତା ପିଛା କମ୍ପାନୀର ଏଆର୍‌ପିୟୁ ବୃଦ୍ଧି ପାଇବ। ଆଇପିଏଲ୍ ଏବଂ ଅନ୍ୟାନ୍ୟ କ୍ରିକେଟ୍ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଜିଓ ଏହାର ଉପଭୋକ୍ତାଙ୍କୁ ଅଧିକ ଡାଟା ସହିତ ପ୍ଲାନ୍ ପ୍ରଦାନ କରୁଛି, ଯାହା ଦ୍ୱାରା ଉପଭୋକ୍ତାମାନେ ଅଧିକ ଡାଟା ବ୍ୟବହାର କରିବାର ଅଭ୍ୟାସ ଜାରି ରଖିପାରିବେ। କିଛି ମାସ ପରେ ସମ୍ପୂର୍ଣ୍ଣ ଅଧିକ ଡାଟା ବ୍ୟବହାର କରିବାକୁ ଉପଭୋକ୍ତାମାନେ ପୂର୍ବାପେକ୍ଷା ଅଧିକ ମହଙ୍ଗା ରିଚାର୍ଜ ପ୍ଲାନ୍ ଆଡକୁ ଗତି କରୁଛନ୍ତି, ଯେଉଁଥିପାଇଁ ଏଆର୍‌ପିୟୁ ବୃଦ୍ଧି ପାଇବ।



# ଏପ୍ରିଲ ପହିଲାରେ ଦୁଇ ହଜାର ଟଙ୍କିଆ ନୋଟ୍ ଜମା ଓ ବଦଳ ବନ୍ଦ



**ନୂଆଦିଲ୍ଲୀ,୨୮।୩(ସମିସ):** ବାର୍ଷିକ ସରକାରୀ ରସିଦ ଏବଂ ଦେୟ ହିସାବ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ଆସନ୍ତା ଏପ୍ରିଲ ପହିଲାରେ ଦୁଇ ହଜାର ଟଙ୍କିଆ ନୋଟ୍ ଜମା ଓ ବଦଳ ବନ୍ଦ ରହିବ। ଏହି ସୁବିଧା ପୁନଃ ଏପ୍ରିଲ ଦୁଇ ତାରିଖରୁ ଆରମ୍ଭ ହେବ। ୨୦୨୩ ମେ ୧୯ ତାରିଖଠାରୁ ଦେଶରେ ରହିଥିବା ଆର୍‌ବିଆଇର ୧୯ ଇସ୍ୟୁ କାର୍ଯ୍ୟାଳୟରେ ୨୦୦୦ ଟଙ୍କିଆ ନୋଟ୍‌ର ବଦଳ ଏବଂ ଜମା କରାଯାଉଥିଲା। ଏହି ୧୯ ଆର୍‌ବିଆଇ କାର୍ଯ୍ୟାଳୟ ମଧ୍ୟରେ ଭୁବନେଶ୍ୱର କାର୍ଯ୍ୟାଳୟ ରହିଛି। ସ୍ୱଚ୍ଛ ନୋଟ୍ ନୀତି ଅନୁଯାୟୀ, ଆର୍‌ବିଆଇ ଉଚ୍ଚ ମୂଲ୍ୟର ଏହି ନୋଟ୍‌କୁ ସର୍କୁଲେସନ୍‌ରୁ ପ୍ରତ୍ୟାହାର କରିନେଇଛି।

# ରଣବୀର କପୁରଙ୍କୁ ଏସିଆନ୍ ଗ୍ରାନିଟୋ ଇଣ୍ଡିଆର ବ୍ରାଣ୍ଡ ଆମ୍ବାସାଡର

**ନୂଆଦିଲ୍ଲୀ,୨୮।୩(ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ଟାଇଲ୍ସ, ଇଞ୍ଜିନିୟର୍ଡ ମାର୍ବଲ, କ୍ୱାର୍ଜ ଏବଂ ବାଥ୍‌ୱେର ବ୍ରାଣ୍ଡ ଏସିଆନ୍ ଗ୍ରାନିଟୋ ଇଣ୍ଡିଆ ଲିମିଟେଡ (ଏଜିଏଲ୍) ଗର୍ବର ସହିତ ବଲିଉଡ ତାରକା ରଣବୀର କପୁରଙ୍କୁ ତାହାର ବ୍ରାଣ୍ଡ ଆମ୍ବାସାଡର ଭାବରେ ଚୁକ୍ତିବଦ୍ଧ କରିବା ସମ୍ପର୍କରେ ଘୋଷଣା କରିଛି। ନିଜର ମାଧୁର୍ଯ୍ୟ, ବିବିଧତା ଏବଂ ଯୁବସୁଲଭତା ନିମନ୍ତେ ସୁପରିଚିତ ରଣବୀର କପୁର ସମ୍ପୂର୍ଣ୍ଣ ଭାବରେ ଏସିଆନ୍ ଗ୍ରାନିଟୋର ବୈଶିଷ୍ଟ୍ୟ ସହିତ ମେଳ ଖାଉଛନ୍ତି- ତାହା ହେଉଛି ନବସୃଜନ, ଗତିଶୀଳତା ଏବଂ ନିରନ୍ତର ବିକାଶ। ବର୍ଷ ବର୍ଷର ଉତ୍କର୍ଷତାକୁ ନେଇ ଏକ ମଜଭୁତ ସୁଖ୍ୟାତି ସହିତ ଏସିଆନ୍ ଗ୍ରାନିଟୋ ଇଣ୍ଡିଆ ଲିମିଟେଡ ନିରନ୍ତର ନିଜର ପରିସୀମା ପରିବ୍ୟାପ୍ତ କରିଚାଲିଛି ଏବଂ ଏହି ଶିଳ୍ପରେ ନୂଆ ମାନକ ସ୍ଥାପନ କରୁଛି। ରଣବୀର କପୁରଙ୍କ ସହିତ ସହଭାଗୀତା ଉତ୍କର୍ଷ ଓ ନବସୃଜନ ନିମନ୍ତେ ବ୍ରାଣ୍ଡର ପ୍ରତିବଦ୍ଧତା ଏବଂ ଆଗକୁ ଏକ ଉଲ୍ଲସିତ ଭବିଷ୍ୟତର ପ୍ରତିଶ୍ରୁତି ଦେଉଛି।



## ହୁ ହୁ ହୋଇ ବଢ଼ୁଛି ସୁନା ଦର

# ମାସକରେ ୪ ହଜାର ମହଙ୍ଗା

**ନୂଆଦିଲ୍ଲୀ,୨୮।୩(ଏଜେନ୍ସି)**

ସମ୍ପ୍ରତି ଦେଶରେ ରେକର୍ଡ ସ୍ତରରେ ସନା ଦର। ଘରୋଇ ବଜାରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୬୭ ହଜାର ଟଙ୍କା ଛୁଇଁବାକୁ ବସିଛି। ସୁନାର ଏହି ଦର ସର୍ବକାଳୀନ ରେକର୍ଡ କୁହାଯାଉଛି। ତେବେ ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ମାତ୍ର ମାସକ ମଧ୍ୟରେ ବଜାରରେ ସୁନା ମୂଲ୍ୟ ୪ ହଜାର ଟଙ୍କା ମହଙ୍ଗା ହୋଇଛି। ଅପରପକ୍ଷେ ରୁପା ମୂଲ୍ୟ ୭୯ ହଜାର ଟଙ୍କା ଛୁଇଁଛି। ଏହା ମଧ୍ୟ ରୁପା ମୂଲ୍ୟରେ ଆଉ ଏକ ବଡ଼ ରେକର୍ଡ। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ ଆଗାମୀ ଦିନରେ ସୁନା ଦର ଆହୁରି ବୃଦ୍ଧି ହୋଇପାରେ। ଏହି କାରଣରୁ, ଚଳିତ ବର୍ଷ ଶେଷ ସୁଦ୍ଧା ସୁନା ୧୦ ଗ୍ରାମ ପିଛା ୭୦ ହଜାର ଟଙ୍କା ସ୍ତର ପର୍ଯ୍ୟନ୍ତ ଯାଇପାରେ। ଏଥିସହିତ ରୂପା ମଧ୍ୟ କିଲୋଗ୍ରାମ ପିଛା ୭୫ହଜାର ଟଙ୍କାରେ ପହଞ୍ଚିପାରେ। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୧,୪୦୦ ଟଙ୍କା ଏବଂ ରୁପା ୭୯ ହଜାର ଟଙ୍କାରେ ପହଞ୍ଚିଛି।

୨୦୨୪ରେ ବିଶ୍ୱକୁ ମାନ୍ଦାବସ୍ଥାର ଭୟ, ବିବାହ ଋତୁ ହେତୁ ସୁନା ଚାହିଦାରେ ବୃଦ୍ଧି, ଡଲାର ସୂଚକାଙ୍କ ଦୁର୍ବଳ ହେବା ଏବଂ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଅଧିକ ପରିମାଣରେ ସୁନା କିଣିବା ଯୋଗୁ ବଜାରରେ ସୁନା ମହଙ୍ଗା ହୋଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ)ର ୱେବସାଇଟ୍ ଅନୁଯାୟୀ ଗୁରୁବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୬୬,୯୭୧ ଟଙ୍କା ବ୍ୟୟବହୁଳ ହୋଇଛି। ଏହାପୂର୍ବରୁ ମାର୍ଚ୍ଚ ୨୧ରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୬,୯୬୮ ଟଙ୍କା ରହିଥିଲା। ନୂଆଦିଲ୍ଲୀଠାରେ ଆଜି ରୂପା ମୂଲ୍ୟରେ ସାମାନ୍ୟ ବୃଦ୍ଧି ଘଟିଛି। ଦର ୧୪ ଟଙ୍କା ବୃଦ୍ଧି ହୋଇ କିଲୋଗ୍ରାମ ପିଛା ୭୪,୦୧୧ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ ଦର ୭୩,୯୯୭ ଟଙ୍କା ରହିଥିଲା। ଅପରପକ୍ଷେ ଚଳିତ ମାସ ଅର୍ଥାତ୍ ମାର୍ଚ୍ଚରେ ସୁନା ମୂଲ୍ୟରେ ବହୁତ ବୃଦ୍ଧି ଘଟିଛି। ମାର୍ଚ୍ଚ ପହିଲାରେ ସୁନା ଦର ୧୦ ଗ୍ରାମ ପିଛା ୬୨,୫୯୨ ଟଙ୍କା ରହିଥିଲା, ଯାହା ମାର୍ଚ୍ଚ ୨୮ରେ ୧୦ ଗ୍ରାମ ପିଛା ୬୬,୯୭୧ ଟଙ୍କା ଥିଲା। ଅର୍ଥାତ୍ ଚଳିତ ମାସରେ ଏହାର ମୂଲ୍ୟ ୪,୩୭୯ ଟଙ୍କା ବୃଦ୍ଧି ପାଇଛି। ଏଥିସହିତ ରୂପା ଦର ମଧ୍ୟ ୬୯,୯୭୭ରୁ କିଲୋଗ୍ରାମ ପ୍ରତି ୭୪,୦୧୧ ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୩ ଆରମ୍ଭରେ, ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୫୪,୮୬୭ ଟଙ୍କା ଥିଲା, ଯାହା ବର୍ଷର ଶେଷ ଅର୍ଥାତ୍ ଡିସେମ୍ବର ୩୧ ରେ ଗ୍ରା୧୦ ମ ପିଛା ୬୩,୨୪୬ ଟଙ୍କା ରହିଥିଲା। ହିସାବ ଅନୁଯାୟୀ, ୨୦୨୩ ସମ୍ପୂର୍ଣ୍ଣ ବର୍ଷରେ ସୁନା ମୂଲ୍ୟ ୮୩୭୯ ଟଙ୍କା (୧୬ ପ୍ରତିଶତ) ବୃଦ୍ଧି ପାଇଛି। ଏଥିସହିତ ରୂପା ମୂଲ୍ୟରେ ମଧ୍ୟ ୬୮,୦୯୨ ଟଙ୍କାରୁ କିଲୋଗ୍ରାମ ପିଛା ୭୩,୩୯୫ ଟଙ୍କାକୁ ବୃଦ୍ଧି ପାଇଛି।



## ଦର ୧୦ ଗ୍ରାମ ପିଛା ୬୭ ହଜାର ନିକଟତର

## ବର୍ଷ ଶେଷ ସୁଦ୍ଧା ସୁନା ୭୦ ହଜାର ଛୁଇଁପାରେ

# ନାଲ୍‌କୋର ଆଲୁମିନିୟମ୍ ଆଲୟ ଇଙ୍ଗଟ୍ ଏଏଲ୍-୫୯ ବଜାରରେ

**ଭୁବନେଶ୍ୱର, ୨୮।୩(ସମିସ)**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନାଲକୋ ପକ୍ଷରୁ ଆଜି ଏକ ନୂତନ ଆଲୁମିନିୟମ୍ ଆଲୟ ଇଙ୍ଗଟ୍ ଏଏଲ୍-୫୯ର ବଜାର ପ୍ରବେଶ କରାଯାଇଛି। ଏଏଲ୍-୫୯ ମୁଖ୍ୟତଃ ବୈଦ୍ୟୁତିକ ସଞ୍ଚାରଣ ଓ ବିତରଣ କ୍ଷେତ୍ରରେ ବ୍ୟବହୃତ କଣ୍ଡକ୍ଟର ଉତ୍ପାଦନ ନିମନ୍ତେ ବ୍ୟବହାର କରାଯାଇଥାଏ। ଭାରତ ସରକାରଙ୍କ ଦ୍ୱାରା ସଂଶୋଧିତ ବିତରଣ କ୍ଷେତ୍ର ଯୋଜନା(ଆରଡିଏସଏସ)ଆରମ୍ଭ ହେବା ପରେ ଏହାର ବହୁଳ ବ୍ୟବହାର କରାଯାଉଛି। ଏହି ଧାତୁରୁ ପ୍ରସ୍ତୁତ କଣ୍ଡକ୍ଟର ଗୁଣାତ୍ମକ ହେବା ସହ ତିଆରି କରୁଥିବା କମ୍ପାନୀ ନିମନ୍ତେ ଏକ ସ୍ୱତନ୍ତ୍ର ବଜାର ଚାହିଦା ସୃଷ୍ଟି କରିବ। ଏ.ଏଲ. -୫୯ ଆଲୟରୁ ତିଆରି କଣ୍ଡକ୍ଟର ଗୁଡ଼ିକୁ ଭିନ୍ନ ଭିନ୍ନ ଭୋଲଟେଜ(ଲୋ ଠାରୁ ଅଲ୍ଟ୍ରା ହାଇ) ଥିବା ବୈଦ୍ୟୁତିକ ସଞ୍ଚାରଣ ଓ ବିତରଣ ଲାଇନରେ ବ୍ୟବହାର କରାଯାଇଥାଏ। କଣ୍ଡକ୍ଟର ଉତ୍ପାଦନକାରୀମାନେ ବର୍ତ୍ତମାନ ନାଲକୋର ଏଏଲ -୫୯ ଆଲୁମିନିୟମ୍ ଆଲୟ ଇଙ୍ଗଟ୍ କ୍ରୟ କରିପାରିବେ ଏବଂ ଏହାକୁ ଏଏଲ୍-୫୯ କଣ୍ଡକ୍ଟର ଉତ୍ପାଦନ ନିମନ୍ତେ ଫିଡ୍ ଷ୍ଟକ୍ ଭାବରେ ବ୍ୟବହାର କରିପାରିବେ। ଉତ୍ପାଦର ପ୍ରଥମ ଗ୍ରାହକ ଏବଂ ନାଲକୋର ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କମ୍ପାନୀର ନିର୍ଦ୍ଦେଶକ(ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଏହି ନୂତନ ଆଲୁମିନିୟମ୍ ଆଲୟ ଇଙ୍ଗଟର ବଜାର ପ୍ରବେଶ କରାଇଥିଲେ। ନୂତନ ଉତ୍ପାଦର ଶୁଭାରମ୍ଭ ପାଇଁ ସିଏମଡି ଶ୍ରୀଧର ପାତ୍ର ସ୍ମେଲଟର ଏବଂ ମାର୍କେଟିଂ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।



# ପ୍ରତିବର୍ଷ ବିଶ୍ୱରେ ୬ ଲକ୍ଷରୁ ଅଧିକ ଜରାୟୁ କର୍କଟ ରୋଗୀ ଚିହ୍ନଟ

**ଭୁବନେଶ୍ୱର,୨୮।୩(ସମିସ):** ଜରାୟୁ କର୍କଟ ଗର୍ଭାଶୟର ଗ୍ରୀବାରେ ଆରମ୍ଭ ହୋଇଥାଏ। ଏହା ଗର୍ଭାଶୟର ନିମ୍ନ ଅଂଶ ଯାହା ପ୍ରଜନନ ନଳୀକୁ ସଂଯୁକ୍ତ କରିଥାଏ। ଯଦିଓ ଏହାର ନିରାକରଣ ଓ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି, ତଥାପି ଜରାୟୁ କର୍କଟ ବିଶ୍ୱସ୍ତରରେ ମହିଳାମାନଙ୍କ ମଧ୍ୟରେ ଚତୁର୍ଥ ସର୍ବାଧିକ ସାଧାରଣ କର୍କଟ ରୋଗ ହୋଇ ରହିଛି। ପ୍ରତି ବର୍ଷ ବିଶ୍ୱସ୍ତରରେ ପ୍ରାୟ ୬୦୪,୦୦୦ ମହିଳା ଜରାୟୁ କର୍କଟ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ୩୪୨,୦୦୦ ଏହି ରୋଗରେ ପ୍ରାଣ ହରାଉଛନ୍ତି। ଜରାୟୁ କର୍କଟ କେତେକ ସମୟରେ ହ୍ୟୁମାନ ପାପିଲୋମାଭାଇରସ୍ (ଏଚ୍‌ପିଭି) ଦ୍ୱାରା ସୃଷ୍ଟି ହୋଇଥାଏ, ଯାହା ଗ୍ରୀବାରେ ଅନିୟମିତ କୋଷିକା ଅଭିବୃଦ୍ଧିରୁ ଆରମ୍ଭ ହୁଏ। ଜରାୟୁ କର୍କଟର ଆଦ୍ୟ ଅବସ୍ଥାରେ ନିରୂପଣ ଏବଂ ଚିହ୍ନଟ ଦ୍ୱାରା ଚିକିତ୍ସା ବିକଳ୍ପ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଥାଏ। - ଓମେଗା-୩ ଫ୍ୟାଟି ଏସିଡରେ ସମୃଦ୍ଧ ଖାଦ୍ୟ ମଧ୍ୟ ସଂକ୍ରମଣକୁ ହ୍ରାସ କରିବା ଏବଂ ରୋଗ ପ୍ରତିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯେତେସମ୍ଭବ ଚୋପାଲଗା ଶସ୍ୟ ଖାଆନ୍ତୁ, କାରଣ ଏଗୁଡିକ ଫାଇବର ବା ତନ୍ତୁ ଯୋଗାଇବା ସହିତ ହର୍ମୋନ ସନ୍ତୁଳନରେ ଉନ୍ନତି ଆଣିଥାଏ ଏବଂ ଅମ୍ଳୀୟ ଅଂଶ ହ୍ରାସ କରିବାରେ ସହାୟତା କରେ। ଆଦ୍ୟ ନିରୂପଣ ଏବଂ ଚିକିତ୍ସା କ୍ଷେତ୍ରରେ ନବସୃଜନ ଉତ୍ସାହଜନକ ଥିବାବେଳେ ଜରାୟୁ କର୍କଟ ବିରୋଧରେ ଲଢେଇ ନିମନ୍ତେ ବହୁମୁଖୀ ଆଭିମୁଖ୍ୟ ପୋଷଣର ଆବଶ୍ୟକତା ରହିଥିବା ଏଚ୍‌ସିଜିପଣ୍ଡା କ୍ୟାନ୍‌ସର ହସପିଟାଲର ଡା.ନିତିଶ ରଞ୍ଜନ ଆଚାର୍ଯ୍ୟ (ସର୍ଜିକାଲ ଅଙ୍କୋଲୋଜି) କହିଛନ୍ତି।

ସକାଳ THE SAKALA



### ଡବଲ ଶଙ୍ଖ ଆହ୍ୱାନ ଦେଲେ ଅରୂପ ଓ ଅରୁଣ

# ସେବା ମୋ ଜୀବନର ଲକ୍ଷ୍ୟ ; ଅରୂପ



ବିଜେଡିରେ ସାମିଲ ହେଲେ ୪ ଶହ ବିଜେପି କର୍ମୀ

ନୟାଗଡ଼, ୨୮।୩(ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଗୁରୁବାର କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ପୁରୀ ସାଂସଦ ପାର୍ଥୀ ଅରୂପ ପଟ୍ଟନାୟକ, ନୟାଗଡ଼ ବିଧାୟକ ପ୍ରାର୍ଥି ଡ. ଅରୁଣ କୁମାର ସାହୁ ଯୋଗ ଦେଇ ଡବଲ ଶଙ୍ଖ ପାଇଁ ଆହ୍ୱାନ ଦେଇଥିଲେ। ରାଜନୀତି ସହ ସେବା ମୋ ଜୀବନର ଲକ୍ଷ୍ୟ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। କରେନା ମହାମାରୀ ସମୟରୁ 'ଓଡ଼ିଶା ମୋ ପରିବାର' ସେବା ପାଇଁ ବଳିଷ୍ଠ ଉଦ୍ୟମ ପାଳଟିଥିବା କହିଥିଲେ। ମାଟି ମା' ର ସେବା କରିବାକୁ ମୁଖ୍ୟମନ୍ତ୍ରୀ ସୁଯୋଗ ଦେଇଛନ୍ତି। ବିଜୁ ଜନତା ଦଳ ଖରା, ବର୍ଷା, ଶୀତ କାକରରେ ଲଢେଇ କରିବାର ସାମର୍ଥ ରଖିଛି ବୋଲି ନୟାଗଡ଼ ବିଧାୟକ ଡ. ସାହୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦ ନୟାଗଡ଼ ପ୍ରତି ରହିଛି। ସବୁବେଳେ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ବିଜୁ ଜନତା ଦଳର ସ୍ୱାଭିମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦଳ କଥା ପଡ଼ିଲେ ଆମ କର୍ମୀ ସବୁ ମାନ ଅଭିମାନକୁ ଭୁଲି ଆଗକୁ ଚାଲି ଆସନ୍ତି। ନୟାଗଡ଼ ମାଟି ମୋ ପାଇଁ ଜୀବନ ମାଟି ବୋଲି କହିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା। କ୍ରୀଡା ଭିତ୍ତିଭୂମି ଉନ୍ନତୀକରଣ ମୁଖ୍ୟମନ୍ତ୍ରୀ ଭିନ୍ନ ପରିକଳ୍ପନା ବୋଲି କହିଥିଲେ। ବିରୋଧୀ ଅଣୁବିକ୍ଷଣ ଯନ୍ତ୍ରରେ ଦେଖାଯିବେ ନାହିଁ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବରିଷ୍ଠ ନେତ୍ରୀ ଇରାନୀ ରାୟ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ବିରଜା ଲକ୍ଷ୍ମୀ ସାହୁ, ବ୍ଲକ ବିଜେଡି ସଭାପତି ଅଜିତ ପ୍ରସାଦ ସାହୁ, ମହିଳା ନେତ୍ରୀ ମାଳତୀ ଗୁରୁ, ପ୍ରଭାସିନୀ ନନ୍ଦ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀପ୍ରସାଦ ପଞ୍ଚାୟତ, ନୟାଗଡ଼ ପୌର ପରିଷଦର ୪ ଶହ ବିଜେପି କର୍ମୀ ବିଜେଡିରେ ଯୋଗ ଦେଇଥିଲେ।

**ଶରଣକୁଳ :** ଶରଣକୁଳ ମା' ଝଡେଶ୍ୱରୀଙ୍କ ପୀଠରେ ଗୁରୁବାର ବିଜୁ ଜନତା ଦଳର ଏକ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୁରୀ ଲୋକସଭା ଆସନ ଓ ରଣପୁର ବିଧାନସଭାରେ ବିଜୁ ଜନତା ଦଳ ପ୍ରାର୍ଥୀ କିପରି ବିପୁଳ ବିଜୟ ହାସଲ କରିବା ନେଇ ରଣନୀତି ପ୍ରସ୍ତୁତ ହେବା ସହ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସଭାରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେଡିର ପୁରୀ ଲୋକସଭା ପ୍ରାର୍ଥୀ ଅରୂପ କୁମାର ପଟ୍ଟନାୟକ, ରଣପୁର ତତ୍କାଳୀନ ବିଧାୟକ ତଥା ଚଳିତ ରଣପୁର ବିଧାନସଭା ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ବିଧାୟକ ତଥା ନୟାଗଡ଼ ବିଧାନସଭା ପ୍ରାର୍ଥୀ ଡ଼ ଅରୁଣ କୁମାର ସାହୁଙ୍କ ସହିତ ଶରଣକୁଳ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଓ ଗୋଡିପଡ଼ା ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ପଢ଼ିଆରୀ, ବିଜେଡି ନେତ୍ରୀ ଇରାନୀ ରାୟ ଯୋଗ ଦେଇଥିଲେ। ଶରଣକୁଳର ଆରାଧ୍ୟ ଦେବତା ଲଡୁବାବା ଓ ମା ଝାଣ୍ଡେଶ୍ୱରୀଙ୍କ ଆଶୀର୍ବାଦ ନେଇ ରଣପୁର ଆଶାୟୀ ବିଧାୟକ ସତ୍ୟନାରାୟଣ ପ୍ରଧାନ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହ ନୟାଗଡ଼ ବିଧାନସଭା ପ୍ରାର୍ଥୀ ଡ. ସାହୁ ରାଜ୍ୟର ଏକ ନମ୍ବର ସଂଗଠକ ବୋଲି କହିଥିଲେ। ଡ. ସାହୁ ନବୀନ ପଟ୍ଟନାୟକଙ୍କ ବିକାଶ ଓ ନୂଆ ଓଡ଼ିଶାକୁ ନେଇ ନିର୍ବାଚନ ମୈଦାନକୁ ଯାଇ ବିଜେଡି ଦଳ ପୁରୀ ଲୋକସଭା ଆଶାୟୀ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ରଣପୁରର ଶ୍ରୀ ପ୍ରଧାନଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ କର୍ମକର୍ତ୍ତାଙ୍କୁ କହିଥିଲେ। ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ତାଙ୍କର ବିଜେଡି ପ୍ରାର୍ଥୀତ୍ୱକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବାସହ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀ ଏକାଠି ହୋଇ ଦଳ ପାଇଁ କାମ କରି ବିଜେଡି ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବା ସହ ନବୀନ ପଟ୍ଟନାୟକଙ୍କ ବିକାଶର ଅନ୍ୟ ଏକ ନୂଆ ଦିଗରେ ସାଥି ହୋଇ ପାରିବା ବୋଲି କହିଥିଲେ।। ଏହି ସଭାରେ ଓଡଗାଁ ବ୍ଲକ ଅନ୍ତର୍ଗତ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୮ ଗୋଟି ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




### ● ସିନ୍ଧୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ

## ବାର୍ଷିକୋତ୍ସବ ଓ ପରିବେଶ ସୁରକ୍ଷା ସଚେତନତା କର୍ମଶାଳା

ନୟାଗଡ଼, ୨୮।୩(ସମିସ): ଛାତ୍ରଛାତ୍ରୀଙ୍କୁ ସନ୍ତୁଳିତ ପରିବେଶ ତଥା ସବୁଜ ପୃଥିବୀ ଗଠନ ପାଇଁ ପ୍ରେରିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟରେ 'ଜାତୀୟ ଯୁବ ବାହିନୀ ତଥା ଇକୋ କ୍ଲବ୍' କାର୍ଯ୍ୟ କରୁଛି। ସିନ୍ଧୁରିଆ ଉଚ୍ଚ ବିଦ୍ୟାଳୟରେ ପ୍ରତିଷ୍ଠିତ ଇକୋ କ୍ଲବ୍ ଅଧୀନରେ ଇକୋ କ୍ଲବର ବାର୍ଷିକୋତ୍ସବ ପାଳିତ ହୋଇଛି। ମୋ ସ୍କୁଲ କମିଟି ସଭାପତି ଭଗବାନ୍ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ଓ ପୂର୍ବତନ ସଭାପତି ସନ୍ତୋଷ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ଆଜି ସବୁଜ ପୃଥିବୀ ସହିତ ସନ୍ତୁଳିତ ପରିବେଶ ଉପରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଯୋଗ ଦେଇ ପିଲାଙ୍କୁ ଜଙ୍ଗଲ ସୁରକ୍ଷା ଓ ସୁସ୍ଥ ପରିବେଶ ଗଠନ ଉପରେ ଅନେକ ଉପାଦେୟ ବାର୍ତ୍ତା ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ ଆଜିର କର୍ମଶାଳାରେ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପକ ମହମ୍ମଦ ଓମର୍ ମଲ୍ଲିକ, ସମାଜସେବୀ ପ୍ରବୋଧ ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ସମେତ ଶତାଧିକ ଅଭିଭାବକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ୍ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ସଲିମ୍ ଇବ୍ରାହିମଙ୍କ ତତ୍ୱାବଧାନରେ ଉଭୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବରିଷ୍ଠ ସହକାରୀ ଶିକ୍ଷକ ଶେଖ୍ ଅବଦୁଲ୍ ଖାଲିକ୍ ଉଭୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଦଶପଲ୍ଲା ଓ ଓଡଗାଁରେ କଂଗ୍ରେସର ବୈଠକ

ଦଶପଲ୍ଲା/ଓଡଗାଁ, ୨୮।୩(ସମିସ): ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସର ଦଶ ଦଫା ଗ୍ୟାରେଣ୍ଟି କାର୍ଡକୁ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶ ଦଶପଲ୍ଲାଠାରେ ଉନ୍ମୋଚନ କରିଛନ୍ତି। ଦଶପଲ୍ଲା ବ୍ଲକ କଂଗ୍ରେସ ସଭାପତି ବୁଲୁ ପରିଡ଼ାଙ୍କ ସଂଯୋଜନା କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ନବନିଯୁକ୍ତ ପିସିସି ସମ୍ପାଦକ ବରିଷ୍ଠ ନେତା ସରୋଜ ପରିଡ଼ା, କନ୍ଧମାଳ ସଂସଦୀୟ କ୍ଷେତ୍ର ଆଶାୟୀ ପ୍ରାର୍ଥୀ ଅମୀରଚାନ୍ଦ ନାୟକ, ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ସୁରେନ୍ଦ୍ର ବେହେରା, ଦେବାଶିଷ ଭୂଷଣ ନାୟକ, ବେଣୁଧର ନାୟକ, ନିରଞ୍ଜନ ସେଠି, ଡିସିସି ଉପସଭାପତି ଉମାରାଣୀ ପାଣି, ନୂଆଗାଁ ବ୍ଲକ ସଭାପତି ଅଶୋକ ନାୟକ, ଗଣିଆ ବ୍ଲକ ସଭାପତି କାଶୀନାଥ ନାୟକ, ଡିସିସି ଓବିସି ସଭାପତି ନାରାୟଣ ସାହୁ, ଆରଜିପିଆରଏସ ଜିଲ୍ଲା ସଂଯୋଜକ ସୁକାନ୍ତ ଶତପଥୀ, ପ୍ରମୁଖ ଗ୍ୟାରେଣ୍ଟି କାର୍ଡ ଅନୁଷ୍ଠାନିକ ଉନ୍ମୋଚନ କରିଥିଲେ। ଦଶପଲ୍ଲା ଏନଏସି କଂଗ୍ରେସ ସଭାପତି ଆଇନଜୀବୀ ବିନୋଦ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଓଡ଼ଗାଁ କଂଗ୍ରେସ କାର୍ଯ୍ୟାଳୟରେ ଠାରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଦଳର ଗ୍ୟାରେଣ୍ଟି କାର୍ଡର ଉନ୍ମୋଚନ କରାଯାଇଥିଲା। ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଂଯୋଜନା କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ନବନିଯୁକ୍ତ ପିସିସି ସାଧାରଣ ସମ୍ପାଦକ ହୁସେନ ଖାଁ, ସତ୍ୟବ୍ରତ ନାୟକ, ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବନେତା ବିଭୁ ପ୍ରସାଦ ମିଶ୍ର, ଜିଲ୍ଲା କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ଦିଲ୍ଲୀପ କୁମାର ବିଶୋଇ, ଡିସିସି ଉପସଭାପତି ବସନ୍ତି କର, ଓଡଗାଁ ବ୍ଲକ କଂଗ୍ରେସ ଉପସଭାପତି ଆଡ଼ଭୋକେଟ ବିଭୁତି ରାଉତ, ଜିଲ୍ଲା ଆଇଏନଟିୟୁସି ଅଧ୍ୟକ୍ଷ ଆଲୋକ ପ୍ରଧାନ ଏବଂ ବରିଷ୍ଠ କର୍ମୀ ନିରଞ୍ଜନ ରାଉତ ପ୍ରମୁଖଙ୍କ ଓ ସାମ୍ବାଦିକଙ୍କ ଉପସ୍ଥିତିରେ ଗ୍ୟାରେଣ୍ଟି କାର୍ଡ ଅନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ।

## ଓଡଗାଁରେ ଖୋଲିଲା ଏଚ୍‌ଡିଏଫସି ବ୍ୟାଙ୍କ ଶାଖା

ଓଡଗାଁ, ୨୮ ।୩(ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ କଲେଜ ରୋଡ ଗୟଳସିଂହ ମନ୍ଦିର ନିକଟରେ ଏଚ୍‌ଡିଏଫସିର ବ୍ୟାଙ୍କର ଏକ ଶାଖାକୁ ଓଡଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟଅଞ୍ଚଳବାସୀ ଗ୍ରାମୀଣ ବ୍ୟାଙ୍କିଙ୍ଗ ସୁବିଧା ସୁଯୋଗ ପାଇବା ନିମନ୍ତେ, ଯଥା ଟଙ୍କା ନେଣ ଦେଣ କରିବା ସହିତ ଶସ୍ତା, ସରଳ ଓ ସ୍ୱଚ୍ଛତା ସହକାରେ ତୁରନ୍ତ ଋଣ ପାଇବା ନିମନ୍ତେ ବ୍ୟାଙ୍କ ତରଫରୁ ଗ୍ରାହକଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ କ୍ଲଷ୍ଟର ହେଡ଼ ତଥା ଓଡ଼ିଶା ରାଜ୍ୟ ବ୍ରାଞ୍ଚ ବ୍ୟାଙ୍କିଙ୍ଗ ଉପସଭାପତି ଅନନ୍ତ ପଟ୍ଟନାୟକ ଉପସ୍ଥିତ ଗ୍ରାହକଙ୍କୁ ସୂଚନା ପ୍ରଦାନ କରିଥିଲେ। ଏତଦବ୍ୟତୀତ କୃଷି ଋଣ, ଦୁଇ ଓ ଚାରି ଚକିଆ ଗାଡି ଋଣ ସହିତ ବ୍ୟକ୍ତିଗତ ଓ ବ୍ୟବସାୟିକ ଋଣ, କିଷାନ ଗୋଲ୍ଡ ଲୋନ ଏବଂ ସମ୍ପୂର୍ଣ୍ଣ ଭରସା ଗୋଲ୍ଡ ଲୋନ ସ୍ୱଳ୍ପ ସମୟ ମଧ୍ୟରେ ପ୍ରଦାନ କରିବାକୁ ବ୍ୟାଙ୍କର ବ୍ୟବସ୍ଥା ରହିଛି। ଓଡଗାଁ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ କୃଷି ଲୋକ ସମ୍ପର୍କ ଶାଖା ପରିଚାଳକ ଅଭିଜିତ ମହାପାତ୍ର, ନୟାଗଡ଼ ଶାଖା ପରିଚାଳକ ବିଜନ ମହାପାତ୍ର, ଏବିସିପି ଆଞ୍ଚଳିକ ମୁଖ୍ୟ ଅରୁଣ କୁମାର ପଟ୍ଟନାୟକ ଏବଂ ଅନ୍ୟମାନଙ୍କ ଉପସ୍ଥିତ ରହିଥିଲା। ନୂତନ ଶାଖା ପରିଚାଳକ ବିଭୁତି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ଖଣ୍ଡପଡ଼ା, ୨୮।୩(ସମିସ): ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତରେ ଗୁରୁବାର ଅପରାହ୍ନରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଞ୍ଜୟ କୁମାର ଖୁଣ୍ଟିଆ, ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠି, ବାଣପୁର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, ବିପିନ କୁମାର ସାମଲ, ପୂର୍ବତନ ବୋଦସା ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ବରିଷ୍ଠ ସଂଗଠକ ଜନ୍ମେଜୟ ନାୟକ, ଯୁଗଳ କିଶୋର ନାୟକ, ଯୁବ ନେତା ନିହାର ରଞ୍ଜନ ମିଶ୍ର, ସରୋଜ କୁମାର ପଣ୍ଡା, ପୂର୍ବତନ ସିଧାମୂଳା ସରପଞ୍ଚ ନିରଞ୍ଜନ ପଣ୍ଡା, ପଞ୍ଚାନନ ଦଳେଇ, ପରୀକ୍ଷିତ ମାଝି, ସଦାନନ୍ଦ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ତାରେଶ୍ୱର ପ୍ରଧାନ, ମାଟିଆ ପ୍ରଧାନ, ଅକ୍ରୁର ପ୍ରଧାନ, ଧନେଶ୍ୱର ଦଳେଇ, ଭରତ ମାଝି, ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ଶତାଧିକ ଛାମୁଆ କର୍ମୀ, ମହିଳା ଓ ଯୁବକମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏତତ୍ ବ୍ୟତୀତ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣିଥରେ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ।

## 'ଶ୍ରୀ ଜଗନ୍ନାଥ ବେଶ ପରମ୍ପରା :ଏକ ଅଧ୍ୟୟନ' ପୁସ୍ତକ ଲୋକାର୍ପିତ

ଶରଣକୁଳ, ୨୮।୩(ସମିସ): ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାର ସାରସ୍ୱତ ସାଧକ, କବି, ପ୍ରାବନ୍ଧିକ ତଥା ଲେଖକ ଡ. ସୁରେଶ ଚନ୍ଦ୍ର ବରାଡ଼ଙ୍କ 'ଶ୍ରୀ ଜଗନ୍ନାଥ ବେଶ ପରମ୍ପରା:ଏକ ଅଧ୍ୟୟନ' ପୁସ୍ତକ ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ଲୋକାର୍ପିତ ହୋଇଯାଇଛି। ଡ଼ଃ ବରାଡ଼ଙ୍କ ଏହି ପୁସ୍ତକ ଅତିଥିଙ୍କ କରକମଳରେ ଶରଣକୁଳ ବିଜେ ପ୍ରଭୁ ଶ୍ରୀଲଡୁବାବାଙ୍କ ପୀଠରେ ଲୋକାର୍ପିତ ହୋଇଯାଇଛି। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ, ପ୍ରାଧାପକ ଡଃ ଗୋବିନ୍ଦ ଚନ୍ଦ୍ର ଦାଶ, ପରିଷଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, କବି ଦୀନବନ୍ଧୁ ମହାପାତ୍ର, ସାମ୍ବାଦିକ ଦିଲୀପ କୁମାର ମିଶ୍ର, ଜୟକୃଷ୍ଣ ସାହୁ, କବି ଗୋଦାବରୀ ବସନ୍ତିଆ, ନିରାକାର ସ୍?ାଇଁ, ଯୁବ ସଂଯୋଜକ ନୀଳମାଧବ ମିଶ୍ର ପ୍ରମୁଖ ଉପସ୍ଥିତିର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଡ଼ଃ ଶ୍ରୀ ବରାଡ଼ଙ୍କ ପୁସ୍ତକ ଗୁଡିକ ବୈଷ୍ଣବ, ଶୈବ, ଶାକ୍ତ ଓ ସନାତନ ଧର୍ମ ଉପରେ ପର୍ଯ୍ୟବେକ୍ଷିତ ଏକ ଏକ ଅମୂଲ୍ୟ କାବ୍ୟ ଗ୍ରନ୍ଥ। ଏତଦବ୍ୟତୀତ ବିଭିନ୍ନ ନଦୀ, ପର୍ବତ, ଗ୍ରାମର ଉତ୍ପତି ସମ୍ପର୍କରେ ଅନେକ ଐତିହାସିକ ତଥ୍ୟ ପ୍ରଦାନକାରୀ ପୁସ୍ତକମାନ ରଚନା କରି ପ୍ରକାଶିତ କରିଛନ୍ତି।

## ସମୃଦ୍ଧ ଦେଶ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖଣ୍ଡପଡ଼ା, ୨୮।୩(ସମିସ): ଖଣ୍ଡପଡ଼ା ସହାରାଞ୍ଚଳସ୍ଥିତ ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ସମୃଦ୍ଧ ଦେଶ ଗଠନରେ ମହିଳାଙ୍କ ଭୂମିକା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରେଡ଼ ରିବନ କ୍ଲବ ଯୁକ୍ତ ଦୁଇ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗ ଦେଇ ଦେଶର ବିକାଶ ତଥା ଜାତିର ଉନ୍ନତି ପାଇଁ ଜଣେ ମହିଳାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଓ ସଶକ୍ତ ମହିଳା ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସମାଜକୁ ଦିଗଦର୍ଶନ ଦେଇପାରିବ ବୋଲି ଉପସ୍ଥିତ ଶତାଧିକ ଛାତ୍ରୀ ମାନଙ୍କୁ ସୂଚନା ଦେଇଥିଲେ। ଭାରପ୍ରାପ୍ତ ଅଧକ୍ଷା କୃଷ୍ଣପ୍ରିୟା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ବିଶ୍ୱଭାରତୀ ମହାରଣା ସଂଯୋଜନା କରିଥିବା ବେଳେ ରେଡ଼ ରିବନ କ୍ଲବ ତଥା ୟୁଥ ରେଡକ୍ରସ ଉପଦେଷ୍ଟା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜର ମତାମତ ରଖିଥିବା ବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ। ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ରେଡ଼ ରିବନ କ୍ଲବ ପକ୍ଷରୁ ଏଚ ଆଇ ଭି ଓ ଏଡ୍ସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।



## ଓଡ଼ଗାଁରେ ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀ



ଓଡ଼ଗାଁ, ୨୮ ।୩(ସମିସ): ଓଡ଼ଗାଁ ରାମସାଗର କଲ୍ୟାଣମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ପ୍ରାର୍ଥୀ ଡ. ଅରୁଣ କୁମାର ସାହୁ, ପୁରୀ ସାଂସଦ ପ୍ରାର୍ଥୀ ଅରୁପ ପଟ୍ଟନାୟକ, ବିଜେଡି ନେତ୍ରୀ ଇରାନୀ ରାୟ, ବିରଜାଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୟାଗଡ଼ ପ୍ରାର୍ଥୀ ଡ଼ ସାହୁ ନୀତିଗତ ଲଢେଇରେ ବ୍ୟକ୍ତିଗତ ସ୍ତରକୁ ଯିବା ମୋର ଅଭ୍ୟାସ ନାହିଁ। ହେଲେ ତାହା ଏବେ ଭାରତବର୍ଷରେ ଦେଖିବାକୁ ମିଳୁଛି। ସେଭଳି ଲୋକମାନଙ୍କୁ ନୟାଗଡ଼ ଜନସାଧାରଣ ପ୍ରତ୍ୟାଖାନ କରିଛନ୍ତି ଓ ସେମାନଙ୍କ ହାରିବା ନିଶ୍ଚିତ ବୋଲି କହିଥିଲେ। ସେହିପରି ଅରୁପ ପଟ୍ଟନାୟକ ଜଣେ ଭଲ ମଣିଷ। ବିଗତ ୩୦ ବର୍ଷ ମଧ୍ୟରେ ସେ ଏକ କ୍ୟାନ୍ସର ଫାଉଣ୍ଡେସନ ସ୍ଥାପନ କରି ୧୦ ହଜାରରୁ ଅଧିକ ରୋଗୀଙ୍କ ଚିକିତ୍ସା କରିଛନ୍ତି ଓ କୋଭିଡ ମହାମାରୀ ସମୟରେ ୧ ହଜାରରୁ ଊଜାର ଅଚିହ୍ନା ଶବକୁ ବ୍ୟବଚ୍ଛେଦ କରି ନିଜ ମହନୀୟତାର ପରିଚୟ ଦେଇଛନ୍ତି। ତେଣୁ ଆଗାମୀ ଦିନରେ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜିତାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ଦୀର୍ଘତମ ମୁଖ୍ୟମନ୍ତ୍ରୀ ରୂପେ ପରିଗଣିତ କରିବାରେ ସହଯୋଗ ପାଇଁ ସମସ୍ତଙ୍କୁ ଆହ୍?ାନ ଦେଇଥିଲେ। ଆଜିର କାର୍ଯ୍ୟକ୍ରମ ଅବସରରେ ଭାଜପା ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିବା ଇରାନୀ ରାୟ, ଡ଼ ଅରୁଣ କୁମାର ସାହୁଙ୍କୁ ଓଡ଼ିଶା ରାଜନୀତିର ଭୀଷ୍ମ ପିତାମହ ବୋଲି ସମ୍ବୋଧନ କରିଥିଲେ। ଓଡ଼ିଶା ବିଜେପି ଦଳରେ କୌଣସି ନିର୍ଦ୍ଦିଷ୍ଟ ନିତି ନୈତିକତା ଓ ଅଭିଭାବକ ନାହାନ୍ତି ବୋଲି କରିଥିଲେ। ପୁରୀ ସାଂସଦ ପ୍ରାର୍ଥୀ ଅରୁପ ପଟ୍ଟନାୟକ ଅରୁଣ କୁମାର ସାହୁଙ୍କ ଠାରୁ ସମୟାନୁବର୍ତ୍ତିତା ଗୁଣ ଶିଖିବାର ଆବଶ୍ୟକତା ରହିଅଛି। ପୁଲିସ ଚାକିରୀ ପରେ ଲୋକଙ୍କ ସେବା କରିବାକୁ ଆସିଛି ବୋଲି କହିଥିଲେ। ଏଥିସହିତ ୪୦ ହଜାରରୁ ଊଜାର ଭୋଟରେ ଅରୁଣ ବିଜୟ ହାସଲ କରିବେ ବୋଲି ସୂର୍ଯ୍ୟନାରାୟଣ ଚୌଧୁରୀ କହିଥିଲେ। ଏହି ଅବସରରେ ଭାରତୀୟ ଜନତା ପାର୍ଟି ଛାଡି କେନ୍ଦୁପଡ଼ା ଗ୍ରାମର ୧୭ ପରିବାର ଓ ବହୁ ମହିଳା ନେତ୍ରୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା ଓ ଆଗାମୀ ଦିନରେ ଦଳ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମବାୟ ସଭାପତି ବିଭୁପ୍ରସାଦ ସାହୁ, ନିତ୍ୟାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଞ୍ଚାୟନ ପକ୍ଷରୁ ନାଟ୍ୟ ଦିବସ ପାଳିତ

# 'ସକାରାତ୍ମକ ସମାଜ ଗଠନରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ନୟାଗଡ଼, ୨୮।୩(ସମିସ): ସମଗ୍ର ବିଶ୍ୱରେ ନାଟକର ମହତ୍ୱକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଏଥିପ୍ରତି ଆଗ୍ରହ ସୃଷ୍ଟିକରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ପାଳିତ ହେଉଛି ବିଶ୍ୱ ନାଟ୍ୟ ଦିବସ। ନୟାଗଡ଼ର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ମଞ୍ଚାୟନ ତରଫରୁ ଜନତା ହଲ୍ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ନାଟକ କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ସମାଜର ବାର୍ତ୍ତା ସର୍ବସାଧାରଣଙ୍କ ପାଖରେ ପହଞ୍ଚାଇବାର ଏକ ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ବିଶେଷ କରି ସୁସ୍ଥ ତଥା ସକାରାତ୍ମକ ସମାଜ ଗଠନରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କମ୍ ସଂଖ୍ୟକ କଳାକାର, ନାଟ୍ୟକର୍ମୀ ଓ ଦର୍ଶକ ବହୁସଂଖ୍ୟକଙ୍କୁ ପ୍ରଭାବିତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମଞ୍ଚାୟନର ଉପ ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନାଟ୍ୟ ଦିବସ ସମାରୋହରେ ସଂସ୍କୃତି ପୁରୁଷ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ମୁଖ୍ୟବକ୍ତା ଭାବେ ଏବଂ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକ, ଓଡ଼ିଶାର ଖ୍ୟାତନାମା ଅଭିନେତା ଓ ନିର୍ଦ୍ଦେଶକ ପବିତ୍ର କୁମାର ମହାନ୍ତି, ନାଟ୍ୟକାର ବସିରନ୍ ବିବି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନିଳୀମା ନନ୍ଦ ଓ ଗୋପୀନାଥ ସେଠୀଙ୍କ ସଂଯୋଜନାରେ ପ୍ରଥମେ ଯୁବ କଳାକାରଙ୍କ ଦ୍ୱାରା ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଗୋଦାବରୀଶ ମିଶ୍ର, ଦେବେନ୍ଦ୍ର ପରମ ଗୁରୁ, ସୌଦାମିନୀ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଦ୍ୟା ବିଜିତା ମହାନ୍ତି ପ୍ରଥମ, ଅନନ୍ୟା ଅଭିଳିପ୍ସା ଦ୍ୱିତୀୟ, ଶୁଭାଶିଷ ଦାଶ ତୃତୀୟ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ହୋଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଥିବା ଖ୍ୟାତନାମା କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ର ଏବଂ ବିଶିଷ୍ଟ ନାଟକ ନିର୍ଦ୍ଦେଶକ ପରମାନନ୍ଦ ପ୍ରଧାନଙ୍କୁ ଉପଢୌକନ, ମାନପତ୍ର ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ଦୂରଦର୍ଶନ କଳାକାର ବିଶ୍ୱନାଥ ପ୍ରଧାନଙ୍କ ସୁଲଳିତ ସ୍ୱରରେ ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ଛାନ୍ଦ ତଥା ଚଉପଦୀ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପ୍ରଶାନ୍ତ ସାମନ୍ତରାୟ, ରଶ୍ମି ରଞ୍ଜନ ଜେନା, ସଂଘମିତ୍ରା ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ଓ ସହ ସମ୍ପାଦକ ଜ୍ଞାନ ପ୍ରକାଶ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରାବରୀ ପରମଗୁରୁ, ନିଳୀମା ନନ୍ଦ, ନିଧିବାବନ ଜେନା ଓ ଦେବେନ୍ଦ୍ର ପରମଗୁରୁ କ୍ଷୁଦ୍ର ନାଟକ ନିଃଶବ୍ଦ ଅଭିମାନ ପ୍ରଦର୍ଶନ କରିଥିଲେ।



# ବାବା ଲୋକେଶ୍ୱରଙ୍କ ପୀଠରେ ଜମୁଛି ଫୁଲଦୋଳ ମେଳଣ

ଖୋର୍ଦ୍ଧା, ୨୮।୩(ସମିସ)



ଫଗୁ ଦଶମୀ ଠାରୁ ଥାନାପତି ଓ ମଦନମୋହନ ଦୋଳ ବିମାନରେ ବୁଲି ଭୋଗ ଖାଇବା ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳପର୍ବ ଏବଂ ମେଳଣମାନ ଅନୁଷ୍ଠିତ ହେଉଛି । ଏହି ଅବସରରେ ଖୋର୍ଦ୍ଧା ସହର ଉପକଣ୍ଠ ବାବା ଲୋକେଶ୍ୱରଦେବଙ୍କ ପୀଠ ଚଳଚଞ୍ଚଳ ହେବାରେ ଲାଗିଛି । ବୁଧବାର ମଧ୍ୟ ରାତ୍ରିରୁ ଥାନାପତିଭାବେ ଲୋକେଶ୍ୱରଦେବଃ ବେଶ ଜାକଜମକରେ ବାଜା, ରୋଷଣୀ, ଆତସବାଜି, ସଂକୀର୍ତ୍ତନ ଓ ଘୋଡ଼ାନାଚର ତାଳେ ତାଳେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଗହଣରେ ରାତ୍ରିର ନିରବତାକୁ ଭଙ୍ଗ କରି ମେଳଣ ପଡ଼ିଆକୁ ଆଗମନ କରିବା ପରେ ପାଖପଡ଼ୋଶୀ ଗ୍ରାମ ଦେବାଦେବୀ ପଲ୍ଲାହାଟର ଆଖଣ୍ଡଳମଣୀ, ଲୋକେଶ୍ୱରପୁରର ମଦନମୋହନ ଦେବ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡ଼ିର ଲକ୍ଷ୍ମୀନାରାୟଣ, ଦୁର୍ଗାପୁରର ରାଧାମୋହନ, ଜଟଣୀ ବଡ଼ତୋଟାର ରାଧାଗୋବିନ୍ଦ ଓ ଚନ୍ଦ୍ରଶେଖର, ବଣିଆଟାଙ୍ଗି ନଟବରଚନ୍ଦ୍ର, ସାମନ୍ତରାପୁର ସ୍ୱପ୍ନେଶ୍ୱର, ସିଆଳିଆର ମଦନମୋହନ, ଟାଙ୍ଗିଆପଡ଼ାର କେଦାରେଶ୍ୱର, ପାଟପୁରର ରାଧାକୃଷ୍ଣ, ଜରିପୁଟର ରଘୁନାଥ ଓ ଗୋପିନାଥଦେବ ପ୍ରମୁଖ ପ୍ରାୟ ପ୍ରାୟ ୫୦ଖଣ୍ଡ ଗ୍ରାମର ୬୧ଟି ଦୋଳ ସୁସଜ୍ଜିତ ଦୋଳ ବିମାନରେ ମେଳନ

## ୬୧ ପିଣ୍ଡିରେ ଦୋଳ ବିରାଜମାନ

ପଡ଼ିଆରେ ଏକତ୍ରିତ ହୋଇଥାନ୍ତି । ଏହି ମେଳନ ଯାତ୍ରାକୁ ଦେଖିବାଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଶ୍ରୀ ଲୋକେଶ୍ୱର ଦେବଃ ପରିଚାଳନା କମିଟି ପକ୍ଷରୁ ଆୟୋଜନ ହୋଇଥାଏ । ସେହିପରି ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀ ଏଠାରେ ତାଙ୍କର ପସରା ମେଲାଇଥିବାବେଳେ ଦୋକାନ ଗୁଡ଼ିକରେ ଲୋକଙ୍କ ବେଶ ଭିଡ଼ ପରିଲକ୍ଷିତ ହୋଇଛି । ମେଳନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ ପାଇଁ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କମିଟିର ଆବାହକ ବିଜୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ସେହିପରି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଡିପଡ଼ାରେ ମଧ୍ୟ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଥାନାପତି ବାଲୁଙ୍କେଶ୍ୱର ଦେବ ପାଟ ପଟୁଆରରେ ପ୍ରଥମେ ଗୋଡିପଡ଼ା ମେଳଣ ପଡ଼ିଆରେ ଆସନ ଗ୍ରହଣ କରିବା ପରେ ନିମନ୍ତ୍ରିତ ୩୦ରୁ ଊର୍ଦ୍ଧ୍ୱ ଦୋଳ ସେମାନଙ୍କର ଆସନରେ ଜଣକ ପରେ ଜଣେ ବିରାଜମାନ କରିଥିଲେ ।

● ଖୋର୍ଦ୍ଧାରେ ଶ୍ରୀ ଗୌର ଜୟନ୍ତୀ ଦୋଳ ଉତ୍ସବ

# ପତ୍ରିକା ଗୌର ଜଗନ୍ନାଥ ଉନ୍ମୋଚିତ



ଖୋର୍ଦ୍ଧା, ୨୮।୩(ସମିସ): ଖୋର୍ଦ୍ଧା ରେ ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ ପକ୍ଷରୁ ଶ୍ରୀ ଚୈତନ୍ୟ ବିହାର ଗୌର ଜଗନ୍ନାଥ ମନ୍ଦିର ଠାରେ ଶ୍ରୀଚୈତନ୍ୟ ମହାପ୍ରଭୁ ଙ୍କ ୫୩୭ ବର୍ଷ ପୂର୍ତ୍ତି ଆବିର୍ଭାବ ଓ ଶ୍ରୀରାଧା କୃଷ୍ଣଙ୍କ ଦୋଳୋତ୍ସବ ଉପଲକ୍ଷେ ପ୍ରାତଃରୁ ନଗର କୀର୍ତ୍ତନ କରାଯାଇ ଶ୍ରୀଚୈତନ୍ୟ ସହସ୍ରନାମ, ଗୌରାଙ୍ଗ ସ୍ମରଣ ମଙ୍ଗଳ ସ୍ତୋତ୍ର ତଥା ଶ୍ରୀସାର୍ବଭୌମ କୃତ ଶ୍ରୀଚୈତନ୍ୟ ଶତକାଦି ପାରାୟଣ କରାଯାଇଥିଲା । ମଧ୍ୟାହ୍ନ ରେ ଶ୍ରୀ ଗୌର ଜଗନ୍ନାଥ ଦୋଳ ମଣ୍ଡପ କୁ ବିଜେ କରିବା ପରେ ସେଠାରେ ଗୌର ମହିମା କୀର୍ତ୍ତନ ଅନୁଷ୍ଠିତ ହୋଇ ସଂଘର ବାର୍ଷିକ ପତ୍ରିକା 'ଗୌର ଜଗନ୍ନାଥ' ଉନ୍ମୋଚନ ଓ ଲୋକାର୍ପିତ ହୋଇଥିଲା । ଅପରାହ୍ନ ରେ ଶ୍ରୀ ଚୈତନ୍ୟ ଭଗବତ ଓ ଶ୍ରୀ ଚୈତନ୍ୟ ଚରିତାମୃତ ରୁ ଗୌରାବିର୍ଭାବ ପ୍ରସଙ୍ଗ ସାମୁହିକ ପାରାୟଣ ମନ୍ଦିର ପରିକ୍ରମାନ୍ତେ ସନ୍ଧ୍ୟାରେ ଶ୍ରୀ ଚୈତନ୍ୟ ଦେବା ଜନ୍ମ ସମୟରେ ଶ୍ରୀଗୌର ଜଗନ୍ନାଥ ରାଧା ପ୍ରମୋଦ ବିହାରୀ, ଭକ୍ତେଶ୍ୱର ମହାଦେବ ଏବଂ ଅଯୋଧା ବିହାରୀ ରଘୁନାଥଙ୍କୁ ନବ ବସ୍ତ୍ର ପରିଧାନ କରାଯାଇ ଅଭିଷେକ, ପୂଜାର୍ଚ୍ଚନା, ପ୍ରସାଦ ନିବେଦନ ଓ ଗୌର ଆବିର୍ଭାବ କୀର୍ତ୍ତନ କରାଯାଇଥିଲା । ଶେଷରେ ଗୌର ଜନ୍ମ ବ୍ରତୋପବାସ ଉପଲକ୍ଷେ ଅନୁକଳ୍ପ ପ୍ରସାଦ ଉପସ୍ଥିତ ଭକ୍ତଙ୍କୁ ବିତରଣ କରାଯାଇଥିଲା । ପରଦିନ ଶ୍ରୀ ଜଗନ୍ନାଥ ମିଶ୍ରଙ୍କ ଆନନ୍ଦ ମହୋତ୍ସବ ହେବାର କାର୍ଯକ୍ରମ ହୋଇଥିଲା । ସନ୍ଧ୍ୟା ସମୟରେ ଶ୍ରୀ ଚୈତନ୍ୟଙ୍କ ଆବିର୍ଭାବ ଓ ଅବଦାନ ସମ୍ପର୍କରେ ସଂଘ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରବଚନ ଦେଇଥିଲେ । ଶ୍ରୀ ଅନନ୍ତ ହର ବାବା ଓ ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ମହୋତ୍ସବ ପରିଚାଳନା କରିଥିଲେ ।

## ଚାନ୍ଦପୁର ପୁଲିସର ଚଢ଼ଉ, ୩ ସିମେଣ୍ଟ ଚୋର ଗିରଫ

ଟାଙ୍ଗୀ, ୨୮।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଚାନ୍ଦପୁର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣ ସିମେଣ୍ଟ ଚୋରକୁ ଗିରଫ କରିବା ସହ ସହ ୭୨ ବସ୍ତା ରାମକୋ କମ୍ପାନୀର ସିମେଣ୍ଟ ଓ ଦୁଇଟି ଟ୍ରାକ୍ଟରକୁ ଜବତ କରିଛି । ଗତ ୨୫ ତାରିଖ ରେ ଯାଜପୁର ଜିଲ୍ଲାର ରାମକୋ ସିମେଣ୍ଟ କମ୍ପାନୀରୁ ୫୦୦ ବସ୍ତା ସିମେଣ୍ଟ ବୋଝେଇ କରି ଗୋଟିଏ ଟ୍ରକ୍ ଚାନ୍ଦପୁର ଅଭିମୁଖେ ବାହାରିଥିଲା । ଚାନ୍ଦପୁର ନିକଟସ୍ଥ ରାଇପଡ଼ା ଠାରେ ୨୫୦ ବସ୍ତା ସିମେଣ୍ଟ ଖାଲି କରି ଆସିବା ପରେ ପରେ ଟ୍ରକ୍‌ଟି ଚାନ୍ଦପୁର ଅଭିମୁଖେ ଆସୁଥିବା ବେଳେ ରୋଡ କାମ ପାଇଁ ମାଟିରେ ଚକା ପଶି ପଶିଯିବା ଫଳରେ ଗାଡ଼ିଚାଳକ ନିରୁପାୟ ହୋଇ ସେଠାରେ ଅପେକ୍ଷା କରିଥିଲେ । ଏହର ସୁଯୋଗ ନେଇ କେତେକ ଲୁଟେରା ପହଁଚି ଟ୍ରକ୍ ଚାଳକକୁ ଭୟଭିତ କରି ଏକ ମିନିଟ୍ରକ୍ ଓ ଟ୍ରାକ୍ଟର ଲଗାଇ ୨୫୦ ବସ୍ତା ସିମେଣ୍ଟ ଲୁଟି ନେଇଥିଲେ । ଏନେଇ ଟ୍ରକ୍ ଚାଳକ ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଚାନ୍ଦପୁର ଆଇ ଆଇ ସି ଜଗଦୀଶ ଚନ୍ଦ୍ର କର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଲୁଟେରାଙ୍କୁ ଗିରଫ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ । ଗିରଫ ଲୁଟେରାମାନେ ଚାନ୍ଦପୁର ଥାନା ଏକତାଳଗ୍ରାମର କୁଶ ବେହେରା, କନ୍ଧ ନୟାଗଡ଼ ଗ୍ରାମର ସୁବଳ ପ୍ରଧାନ ଓ କୁକୁଡ଼ା ଝରୀ ଗ୍ରାମର ରାଧା କୃଷ୍ଣ ପାଇକରାୟ ବୋଲି ଜଣାପଡ଼ିଛି ।

## ମଦ ବେପାରି କୋର୍ଟ ଚାଲାଣ

ବେଗୁନିଆ, ୨୮।୩(ସମିସ): ବାଘମାରି ଥାନା ଅନ୍ତର୍ଗତ ସାନ ତୁଳସୀପୁର ଗ୍ରାମର ଭଗବାନ ମଲ୍ଲିକ ବେଆଇନ ଭାବେ ମଧ୍ୟ ବିକ୍ରୀ କରୁଥିବା ବେଳେ ପୁଲିସ ପହଞ୍ଚି ମଦ ଜବତ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲଣ କରିଛି । ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ମୁତାବକ ଭଗବାନ ଠାରୁ ୯ ଲିଟର ମଦ ଜବତ ହୋଇଛି ବୋଲି ସୂଚନା ଦେଇଛନ୍ତି ।

## ଯୁବକଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ବାଲୁଗାଁ, ୨୮।୩ (ସମିସ) : ବାଲୁଗାଁ ଥାନା ଅନ୍ତର୍ଗତ ବଡକୁଳ ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ଘଟି ଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ମୃତ ଯୁବକ ଜଣଙ୍କ ବଡକୁଳ ଗ୍ରାମ ଅଶ୍ୱରୀ ପାଟଣା ସାହିର ପାଣ୍ଡବ ବେହେରାଙ୍କ ପୁଅ ସଞ୍ଜୟ ବେହେରା (୨୯) । ସୂଚନା ମୁତାବକ ଅଶ୍ୱରୀ ପାଟଣା ସାହିର ସଞ୍ଜୟ ମଙ୍ଗଳବାର ଅପରାହ୍ନରେ ବଡକୁଳ ବଜାରରେ ବୁଲୁ ଥିବା ବେଳେ ହଠାତ ରାସ୍ତା ଉପରେ ପଡ଼ି ଚେତାଶୂନ୍ୟ ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକେ ସଞ୍ଜୟଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସଞ୍ଜୟକୁ ମୃତ ଘୋଷଣା କରି ପୁଲିସକୁ ସୂଚନା ଦେଇ ଥିଲେ । ପୁଲିସ ପହଞ୍ଚି ଶବକୁ ଜବତ କରି ବାଲୁଗାଁ ଥାନା କେସ୍ ନଂ ୫/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରି ବୁଧବାର ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି । ମୃତ୍ୟୁରକାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡ଼ିବ ବୋଲି ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ରନାଥ ଗୌଡା କହିଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ।

## ଗଡ଼ ଖୋର୍ଦ୍ଧା ଶ୍ରୀଜଗନ୍ନାଥ ଲୀଳା କ୍ଷେତ୍ରରୁ ଚୋରି ଘଟଣା | ୪ ଗିରଫ, ଚୋରି ସାମଗ୍ରୀ ଜବତ

ଖୋର୍ଦ୍ଧା, ୨୮।୩(ସମିସ): ଶିଖ୍ରାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ ଖୋର୍ଦ୍ଧାସ୍ଥିତ ୫୦୦ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାରେ ପୁଲିସକୁ ମିଳିଛି ବଡ ସଫଳତା । ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମର ସଫତ ଖାନ(୪୧) ଓ ବୁଧିଆ କାଣ୍ଡି (୩୦), ବାଛରାପାଟଣା ର ପିଣ୍ଟୁ ନାୟକ (୨୮) ଓ ରାଜା ବଜାର ର ବିମଳ ସିଂ (୩୪) । ସେମାନଙ୍କଠାରୁ ଏକ ଇନଭର୍ଟର, ହାରମୋନିୟମ ଓ ମାଇକ ମେସିନ କୁ ପୁଲିସ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୫ରୁ ୬ହଜାର ହେବ ବୋଲି ପୁଲିସ ସୂଚନା ଦେଇଛି । ସୂଚନା ଅନୁସାରେ, ଗତ ୨୫ ତାରିଖ ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ଚୋରି କରିନେଇଥିଲେ । ଏନେଇ ମନ୍ଦିର ସଦସ୍ୟ ରମାକାନ୍ତ ପାଟଯୋଶୀ ଶିଖ୍ରାଞ୍ଚଳ ଥାନାରେ ଅଭିଯୋଗ କରିବାରେ ପୁଲିସ ୭୨/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଚଳିତ ଥରକୁ ମିଶାଇ ମନ୍ଦିରରୁ ୧୦ଥର ଚୋରି ହେବା ଘଟଣାକୁ ପୁଲିସ ଗୁରୁତର ସହ ଗ୍ରହଣ କରିଥିଲା । ଏସ୍‌ପି ବି.ଯୁଗୋଳ କିଶୋରଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ(ସଦର) ଦିଲ୍ଲୀପ କୁମାର ଦାସଙ୍କ ତତ୍ୱାବଧାନରେ ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଥିଲେ । ଏହି ଚଢଉ ରେ ଥାନା ଅଧିକାରୀ ଶ୍ରୀମତୀ ମିଶ୍ରଙ୍କ ସମେତ ଏସଆଇ ବାସୁଦେବ ଜୟସିଂ, ଏସ. ମହାନ୍ତି, ବି.କେ. ପ୍ରତାପ ସିଂ ପ୍ରମୁଖ ସାମିଲ ହୋଇଥିଲେ ।



## ଗଅଁପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ବେଗୁନିଆ, ୨୮।୩(ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଅଁପୁର ଗ୍ରାମରେ ବ୍ରାହ୍ମଣ ସାହି ସ୍ଥିତ କାମନା ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଏଥିରେ ବେଗୁନିଆ, ଅସରଳା, ଦେଉଳି, ଚିଙ୍ଗୁଡିଗାଡିଆ ଓ ଗୋପାଳପୁର ଗ୍ରାମର ନାମ ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ । ପ୍ରଥମ ଦିନ କଳସ ଶୋଭାଯାତ୍ରା କରି ମନ୍ଦିର ପୀଠରେ ପହଞ୍ଚିବା ପରେ ନାମ ସଙ୍କୀର୍ତ୍ତନ ହୋଇଥିଲା ।

# ପାଣିଓରାରେ ଆମ ସଂସ୍କୃତି ଓ ଆମ ଖେଳଣା କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୨୮।୩(ସମିସ): ଖୋର୍ଦ୍ଧା ନିକଟ ଜଟଣୀ ବ୍ଲକ ଅଧୀନ ଅଙ୍ଗାରପଡ଼ା ପଞ୍ଚାୟତ ଅନ୍ତର୍ଗତ ପାଣିଓରା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଦୁଇ ଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାଣିଓରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ସାମନ୍ତରାଙ୍କ ସଭାପତିତ୍ୱ ରେ ଅତିଥି ରୂପେ ଜଟଣୀ ବ୍ଲକ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା, ସ୍ଥାନୀୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତି, ମାନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସିଆରସିସି ଦେବେନ୍ଦ୍ର କୁମାର ରଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପରେ ଅତିଥି ସମୂହ ଶିବିରର ତାତ୍ପର୍ଯ୍ୟ, ଓ ମହତ୍ୱ ଉପରେ ସୂଚନା ଦେଇଥିଲେ । ସେହିପରି ଅତିଥି ମାନେ ପ୍ରସ୍ତୁତ ଖେଳଣାକୁ ବୁଲି ଦେଖିବା ସହିତ ସ୍ଥାନୀୟ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନିଧି ବେହେରା ଓ ଅନ୍ୟ କମିଟି ସଭ୍ୟ/ ସଭ୍ୟା, ଅଭିଭାବକ ମଧ୍ୟ ବୁଲି ଦେଖିଥିଲେ । ୧୧ଟି ବିଦ୍ୟାଳୟର ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାବେଳେ ରିସୋର୍ସ ପର୍ଶନ ହିସାବରେ ପୁଷ୍ପଲତା ବେହେରା ଏହି କଳାକୃତି ଦେଖିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଖେଳଣା ସମ୍ବନ୍ଧରେ ତାଲିମ ଦେଇଥିଲେ ।




## ଆସୁଛି ଅଶୋକାଷ୍ଟମୀ : ଆଗେଇ ଚାଲିଛି ରଥ କାମ



ନିରାକାରପୁର, ୨୮।୩(ସମିସ):ଆଗକୁ ଆସୁଛି ଅଶୋକାଷ୍ଟମୀ ରଥ ଯାତ୍ରା।ଏବେ ଠାରୁ ରଥ କାଠଗୁଡିକ ରଥ ଖଳାରେ ଆସି ରଖାଯିବ ପରେ ହୋଲି ଦିନଠାରୁ କାଠ ଅନୁକୂଳ କରାଯାଇ ରଥ କାମ ଆରମ୍ଭ ହୋଇଛି । ଆସନ୍ତା ୧୬ ତାରିଖ ରେ ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ କପିଳେଶ୍ୱର ସ୍ଥିତ କପିଳେଶ୍ୱର ଦେବଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ନିକଟସ୍ଥ ମଧୁବନ ଗ୍ରାମର ମହାରଣାମାନେ ରଥ କାଠ ଅନୁକୂଳ କରି ରଥ କାମ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ବିଶ୍ୱର ସବୁ ଜାଗାରେ ରଥଯାତ୍ରା ରେ ରଥ ପକ୍କା ରାସ୍ତା ଦିନ ବେଳା ଟଣା ଯାଉଥିବା ବେଳେ ଏହି ସ୍ଥାନରେ ନିଶାର୍ଦ୍ଧ ରାତିରେ ବିଲ ଗହିର ମଧ୍ୟରେ ରଥ ଟଣା ସବୁଠୁ ନିଆରା ଓ ଅନନ୍ୟ ।

## ଶ୍ରୀ ରଙ୍କନାଥ ଦେବଙ୍କ ବଡସିଂହାର ବେଶ

ବାଣପୁର, ୨୮।୩ (ସମିସ); ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀ ରଙ୍କନାଥ ଦେବ ଦୋଳପୂର୍ଣ୍ଣିମା ଅବସରରେ ରାଜ ସିଂହାସନରେ ଶ୍ରୀଜିଉ ବଡସିଂହାର ବେଶରେ ପ୍ରଭୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ ।



ଶ୍ରୀଜୀଉମାନେ ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରିବା ସହ ଶ୍ରୀଜୀଉମାନେ ବିଭିନ୍ନ ରଙ୍ଗ ବେରଙ୍ଗ ପୁଷ୍ପରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ଚାରି ଘଟିକା ସମୟରୁ ମହାପ୍ରଭୁଙ୍କ ଦ୍ୱାର ଫିଟା, ମଙ୍ଗଳାର୍ପଣ ପରେ ଅବକାଶ ନୀତି, ଦ୍ୱାରପାଳ ପୂଜା, ସ୍ୱର୍ଯ୍ୟପୂଜା ପରେ ଠାକୁର ଅଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ ପରିଧାନ କରି ଗୋପାଳ ବଲ୍ଲଭ ଓ ଆଳତୀ ସାରି ଶ୍ରୀ ରଙ୍କନାଥ ଦେବ ରତ୍ନସିଂହାସନରେ ବଡସିଂହାର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ମନ୍ଦିର ପରିଚାଳନା କମିଟି ତରଫରୁ ସଦସ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର, ଦାସରଥି ସାହ, ସୋମନାଥ ହୋତା, ବାଳମୁକୁନ୍ଦ ଦାସ ଓ ସତ୍ୟଶିବ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

# ଶ୍ରୀଉମାମହେଶ୍ୱର ଦେବଙ୍କ ଦହିଯାତ୍ରା ଉତ୍ସବ

ବାଲୁଗାଁ, ୨୮।୩ (ସମିସ); ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବ ଶ୍ରୀ ଉମାମହେଶ୍ୱର ଦେବଙ୍କ ପରମ୍ପାରିକ ଦହିଯାତ୍ରା ଉତ୍ସବ ପାଳିତ ହୋଇ ଯାଇଛି । ହୋଲି ଉତ୍ସବ ଅବସର ସଂଧ୍ୟାରେ ସୁସଜ୍ଜିତ ଦୋଳ ବିମାନରେ ଶ୍ରୀ ଉମାମହେଶ୍ୱର ଦେବ ମନ୍ଦିରୁ ବାହାରି ପରମ୍ପରା ଅନୁଯାୟୀ ପ୍ରଥମେ ଶ୍ରୀରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁଙ୍କ ସହ ଦୋଳ ଠାକୁର ପାଟପଟୁଆର ସହ ଗ୍ରାମ ପରିଭ୍ରମଣ କରିଥିଲେ । ପରେ ଶ୍ରୀ ଗୋପାଳଜୀଉ ଦେବ ପାଟଣା ସାହି ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ଶ୍ରୀ ଉମାମହେଶ୍ୱର ଦେବ ଓ ରାଧାଗୋବିନ୍ଦ ଦେବ ଦୋଳ ଠାକୁରଙ୍କୁ ପାଛୋଟି ନେଇ ତିନି ଠାକୁର ପାଟ ପଟୁଆର ସହ ପାଟଣା ସାହି ପରିକ୍ରମା କରିଥିଲେ । ନିର୍ଦ୍ଧାରିତ ସମୟରେ ଉମାମହେଶ୍ୱର ଦେବଙ୍କୁ ଗୁଣ୍ଡୁରପୁର ଶ୍ରୀ ରଘୁନାଥ ଦେବ ପାଛୋଟି ନେଇ ପାଟ ପଟୁଆର ସହ ଗ୍ରାମ ପରିକ୍ରମା କରିଥିଲେ । ସାମନ୍ତରାପୁର ଶ୍ରୀ ଦଧିବାମନ ଦେବ ଆସି ଉମାମହେଶ୍ୱର ଦେବଙ୍କୁ ପଟୁଆର ସହ ପାଛୋଟି ନେଇ ଗ୍ରାମ ପରିକ୍ରମା କରିଥିଲେ ।। ସକାଳୁ ଶ୍ରୀ ଉମାମହେଶ୍ୱର ଦେବ ଉକ୍ତ ୪ଖଣ୍ଡ ଗ୍ରାମର ଦୋଳ ଠାକୁରଙ୍କ ସହ ପୃଥକ ଭାବେ ଦ୍ୱାରେ ଦ୍ୱାରେ ଚାଚେରୀ ଭୋଗ ଖାଇ ମନ୍ଦିରକୁ ବିଳମ୍ବିତ ରାତ୍ରିରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ବାଲୁଗାଁ ଥାନା ଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ୍ ଫୋର୍ସ ନିୟୋଜିତ କରାଯାଇଥିଲା ।

## ଭୋଗଡ଼ାରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ



ବେଗୁନିଆ, ୨୮।୩(ସମିସ): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଭୋଗଡ଼ା ଗ୍ରାମର ତଳସାହିସ୍ଥିତ ଭାଗବତ ଦେବଙ୍କ ମନ୍ଦିର ପରିସରରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ୫ଟି ଦଳ ଯଥା ଭୋଗଡ଼ା ଗୋପୀନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀ, ଅସରଳା ଦଳର ଗାୟକ ନିତ୍ୟାନନ୍ଦ ସ୍ୱାଇଁ, ପଥୁରୀପଡ଼ା ଦଳର ଗାୟକ ସୁବାସ ଚନ୍ଦ୍ର ମହାପାତ୍ର, ହାଟବରଡିହ ଦଳର ଅଖିଳ ବେହେରା ଓ ପାଣିଓରଡ ଦଳର ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗ ଦେଇ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ ।

## ବଡ଼କୁଳ ଦଶଦୋଳ ମେଳଣ ଓ ଅଗ୍ନି ଉତ୍ସବରେ ହରିହର ଭେଟ

ବାଲୁଗାଁ, ୨୮।୩ (ସମିସ) : ସ୍ଥାନୀୟ ବଡ଼କୁଳ ଗ୍ରାମରେ ଦୋଳ ପୂର୍ଣ୍ଣିମା ଅବସରରେ ଶ୍ରୀ ରାମେଶ୍ୱର ଦେବଙ୍କ ପାରମ୍ପାରିକ ଦଶଦୋଳ ମେଳଣ ଓ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି । ମେଳଣ ଉତ୍ସବର ସ୍ଥାନାଧିପତି ଶ୍ରୀରାମେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ବଡ଼କୁଳ ଗ୍ରାମର 'ମା' ଡ଼ାହାଳେଇ କାଠି ଠାକୁରାଣୀ ସମେତ ଦଶ ଦୋଳ ଠାକୁର ତଥା ଚନ୍ଦ୍ରାପୁଟ ଗ୍ରାମର ବାଳମୁକୁନ୍ଦ ଦେବ, ଛେଡ଼ାପଦର ଗ୍ରାମର ରାଧାମୋହନ ଦେବ, ବିଧାରପୁରର ବାଲୁଙ୍କେଶ୍ୱର ଦେବ, ଗବପଦର ଗ୍ରାମର ବାଙ୍କନିଧି ଦେବ, ସୁବୁଦ୍ଧିପାଟଣାର ଜଗତେଶ୍ୱର ଦେବ, ଖଡ଼ିକାପଲ୍ଲି, ଓ ଖାରିବନ୍ଧ ଆଦି ଗ୍ରାମର ଠାକୁର ସୁସଜ୍ଜିତ ଦୋଳ ବିମାନରେ ବଡ଼କୁଳ ଗ୍ରାମକୁ ପୂର୍ଣ୍ଣିମା ପୂର୍ବାହ୍ନରେ ପାଟ ପଟୁଆର ସହ ଆଗମନ କରିଥିଲେ । ବିଭିନ୍ନ ସାହି ଭ୍ରମଣ କରି ଚାଚେରୀ ଭୋଗ ଖାଇ ସଂଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ମେଳଣ ପଡ଼ିଆକୁ ସମସ୍ତ ଦୋଳ ଠାକୁର ଆଗମନ କରି ଆସ୍ଥାନ ଅଳଙ୍କୃତ କରିଥିଲେ । ପରେ ସମସ୍ତ ଠାକୁର କୋଠ ଭୋଗ ଖାଇବା ପରେ ଅଗ୍ନି ଉତ୍ସବ ପଡ଼ିଆକୁ ଆଗମନ କରିଥିଲେ । ତେବେ ଆତସବାଜୀ ପ୍ରଦର୍ଶନ ପରେ ପରମ୍ପରା ଅନୁଯାୟୀ ଅଗ୍ନି ଉତ୍ସବ ତଥା ଅଗିହର ପୋଡା ଉତ୍ସବ ଅନୁଷ୍ଠିତ ହେବା ପରେ ସ୍ଥାନାଧିପତି ରାମେଶ୍ୱର ଦେବ ଓ ବଡ଼କୁଳ ଡ଼ାହାଳେଇ କାଠି ଠାକୁରାଣୀଙ୍କ ସହ ସମସ୍ତ ଦେବଦେବୀଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରଭୁ ଶ୍ରୀ ରାମେଶ୍ୱର ଦେବଙ୍କ ଦଣ୍ଡ ଠାକୁର ଉକ୍ତ ଦିନ ଆବିର୍ଭାବ ହୋଇଥିବାରୁ ମେଳନ ପଡ଼ିଆରେ ସମସ୍ତ ଦେବାଦେବୀଙ୍କ ସହ ଦଣ୍ଡ ଠାକୁରଙ୍କ ହରିହର ଭେଟ ହୋଇ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠିଥିଲା । ପରେ ସ୍ଥାନାଧିପତି ଶ୍ରୀ ରାମେଶ୍ୱର ଦେବ ମେଲାଣି ଦେବାରେ ସମସ୍ତ ଦେବା ଦେବୀ ଦୋଳ ବିମାନରେ ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଉତ୍ସବକୁ ବଡ଼କୁଳ ଗ୍ରାମବାସୀ ଶୃଙ୍ଖଳାର ସହ ପରିଚାଳନା କରିଥିଲେ । ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡଙ୍କ ନେତୃତ୍ୱରେ ବହୁ ପୁଲିସ୍ ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲେ ।



# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଜଟଣୀ, ୨୮।୩(ସମିସ)



ଜଟଣୀ ପୁଲିସକୁ ସଫଳତା



ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତ ହାଇସ୍କୁଲ ପାଣିଟାଙ୍କି ପଡ଼ିଆରେ ବସି ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୁଲିସ ଅତର୍କିତ ଚଢ଼ଉ କରି ଯୋଜନାକୁ ପଣ୍ଡ କରିଛି । ଘଟଣାସ୍ଥଳରୁ ଏକ ଲୁଟେରା ଗ୍ୟାଙ୍ଗର ୫ଜଣ ଅପରାଧୀଙ୍କୁ

● ଅପରାଧିକ ଅସ୍ତ୍ରଶସ୍ତ୍ର, ଗାଡ଼ି, ଅଫୁଟା ବୋମା ଜବତ

ଗିରଫ କରିଛି ପୁଲିସ । ସେମାନେ ହେଲେ ବେଣାପଞ୍ଜରୀର ଏମଡି ଅରବାଜ୍ ଓରଫ୍ ମଙ୍ଗଲୁ (୨୨), ସରିଫ୍ ଖାନ ଓରଫ୍ ଚିଣ୍ଟୁ (୨୦), ତିରିମଲ ପାତ୍ର ସାହିର ଦୀପ୍ତି ରଞ୍ଜନ ଭୁଜବଳ ଓରଫ୍ ପିଣ୍ଟୁ (୨୫), ବେଣାପଞ୍ଜରୀର ଏସ୍‌କେ ଇସ୍ତାକ୍ୟୁ ଅହମେଦ୍ ଓରଫ୍ ସକିଲ (୨୨) ଓ ତିରିମଲ ପାତ୍ର ସାହିର ସୁମନ୍ତ ପାତ୍ର ଓରଫ୍ କାହ୍ନୁ (୨୯) । ସେମାନଙ୍କ ନିକଟରୁ ପୁଲିସ ୫ଟି ଜୀବନ୍ତ ବୋମା, ୩ଟି ବାଇକ୍, ଗୋଟିଏ ସ୍କର୍ପିଓ, ୪ଟି ମୋବାଇଲ ଫୋନ୍, ଖଣ୍ଡା ସମେତ ଲୁହା ରଡ୍ ଜବତ କରିଛି ପୁଲିସ । ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ । ଘଟଣାନୁଯାୟୀ, ଗତକାଲି ରାତିରେ ବେଣାପଞ୍ଜରୀ ପଞ୍ଚାୟତ ହାଇସ୍କୁଲ ପାଣିଟାଙ୍କି ପଡ଼ିଆରେ ଅଭିଯୁକ୍ତମାନେ ବସି ଖୋର୍ଦ୍ଧା, ଜଟଣୀ ଓ ପିପିଲିକୁ ଆସୁଥିବା ଭାରିଯାନ ଗାଡ଼ିରୁ ମାସ ଲୁଟ୍ କରିବାକୁ ଯୋଜନା କରୁଥିଲେ । ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆରସିଂହଙ୍କ ନିର୍ଦ୍ଦେଶ ଅନୁସାରେ ଥାନାର ଏକ ଟିମ୍ ବିଶେଷ ସୂତ୍ରରୁ ଖବର ପାଇ ଏସଆଇ ସସ୍ମିତା ସାହୁଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଚଢ଼ଉ କରିଥିଲେ । ଘଟଣାସ୍ଥଳରୁ ୫ଜଣ ଅପରାଧୀଙ୍କୁ ଧରିବାର ସକ୍ଷମ ହୋଇଥିଲେ । ଘଟଣାସ୍ଥଳରୁ ପୁଲିସ ଲୁଟ୍ ରେ ବ୍ୟବହୃତ ମାରଣାସ୍ତ୍ର, ଅଫୁଟା ବୋମା, ଗାଡ଼ି ଆଦି ଜବତ କରିଥିଲା । ତେବେ ଅଭିଯୁକ୍ତ ଅରବାଜ୍ ନାଁରେ ବିଭିନ୍ନ ଥାନାରେ ୧୦ଟି ଅପରାଧିକ ମାମଲା ଥିବା ବେଳେ ଚିଣ୍ଟୁ ନାଁରେ ଜଟଣୀ ଥାନାରେ ୩ଟି, ପିଣ୍ଟୁ ନାଁରେ ବିଭିନ୍ନ ଥାନାରେ ୩ଟି, ସକିଲ୍ ନାଁରେ ୩ଟି ଓ କାହ୍ନୁ ନାଁରେ ଜଟଣୀ ଥାନାରେ ୪ଟି ବିଭିନ୍ନ ପ୍ରକାରର ଅପରାଧିକ ମାମଲା ରହିଛି । ଏ ନେଇ ଥାନାରେ ଏକ କେସ ନଂ ୧୨୮/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଏକ ସାମ୍ବାଦିକ ସମ୍ମିଳନୀରେ କମିଶନରେଟ୍ ପୁଲିସର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି ।

